# ଭୁବନେଶ୍ୱର ସିଟି



### ସହି ପାରିଲେନି ପାଠ ଚାପ; ଝୁଲି ପଡ଼ିଲେ ଛାତ୍ରୀ

## ଅଧାରେ ରହିଗଲା ଡାକ୍ତରାଣୀ ହେବାର ସ୍ୱପ୍ନ

■ ଫିଜିକ୍ସ ପାଠ ଭଲ ହେଉ ନ ଥିବାରୁ ଚିନ୍ତାରେ ଥିଲେ
■ ହଷ୍ଟେଲ ବିରୋଧରେ ରାଗିଂ ଅଭିଯୋଗ ଆଣିଲେ ପରିବାର ଲୋକେ

ଭୁବନେଶ୍ୱର, ୭।୧୧(ସମିସ): ଛାତ୍ରୀଙ୍କ ଡାକ୍ତର ହେବାର ସ୍ୱପ୍ନ ଅଧାରରେ ରହିଗଲା। ପାଠ ଚାପ ସହ୍ୟ କରି ନ ପାରି ପରୀକ୍ଷା ଆଗରୁ ଝୁଲି ପଡ଼ିଲେ। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଏକ ଘରୋଇ କୋଚିଂ ସେଣ୍ଟର ହଷ୍ଟେଲରେ ଦେଖିବାକୁ ମିଳିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ହଷ୍ଟେଲ ଭିତରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତ ଛାତ୍ରୀ ଜଣକ କଟକ ଜିଲ୍ଲା ସାଲେପୁର ଅଞ୍ଚଳର କଲ୍ୟାଣୀ ସାହୁ।

କଲ୍ୟାଣୀ ଧଉଳି ଅଞ୍ଚଳରେ ଥିବା ଏକ କଲେଜରେ ଯୁକ୍ତ ୨ ବିଜ୍ଞାନରେ ପଢ଼ିବା ସହ ମେଡିକାଲ ପାଇଁ କୋଚିଂ ନେଉଥିଲେ। ହେଲେ ତାଙ୍କର ଫିଜିକ୍ସ ପାଠ ଭଲ ହେଉ ନ ଥିବାରୁ ସେ ଚିନ୍ତାରେ ଥିଲେ। ବୁଧବାର ରାତିରେ ମାଆଙ୍କ ସହ କଲ୍ୟାଣୀ କଥାବାର୍ତ୍ତା ହୋଇଥିଲେ। ଗୁରୁବାର ଫିଜିକ୍ସ ପରୀକ୍ଷା ଥିବାରୁ କ'ଣ କରିବେ ବୋଲି ମାଆଙ୍କୁ ପଚାରୁଥିଲେ। ଯାହାକୁ ନେଇ ସେ ରାତିତମାମ ଚିନ୍ତାରେ ଥିଲେ। ଯେଉଁଥିପାଇଁ ରାତିରେ ରୁମ୍ କବାଟ ବନ୍ଦ କରି ବେକରେ ଗାମୁଛା ବାନ୍ଧି ଝୁଲିପଡ଼ିଲେ। ସକାଳୁ କଲ୍ୟାଣୀଙ୍କୁ ତାଙ୍କ ମାଆ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଶେଷରେ ମାଆ ହଷ୍ଟେଲ ୱାର୍ଡରଙ୍କୁ ଫୋନ୍ କରି ରୁମ୍‌କୁ ଯାଇ ଦେଖିବାକୁ କହିଥିଲେ। ୱାର୍ଡର ରୁମ୍‌କୁ ଯାଇ କଲ୍ୟାଣୀଙ୍କ ଝୁଲନ୍ତା ମୃତଦେହ ଦେଖି ପୁଲିସକୁ ଜଣାଇବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ପୁଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ତେବେ ଛାତ୍ରୀଙ୍କର କିପରି ମୃତ୍ୟୁ ଘଟିଲା ତା'ର କାରଣ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ସମ୍ପୃକ୍ତ କୋଚିଂ ସେଣ୍ଟର ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ମୃତ ଛାତ୍ରୀଙ୍କ ପରିବାର ଲୋକେ। ହଷ୍ଟେଲରେ ନିର୍ଯାତନା ଦେବା ସହ ଅନ୍ୟ ଛାତ୍ରୀମାନେ ରାଗିଂ କରୁଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ ହଷ୍ଟେଲ କର୍ତ୍ତୃପକ୍ଷ କୌଣସ ପଦକ୍ଷେପ ନେଇ ନ ଥିଲେ ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପୁଲିସ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ଦାବି କରିଛନ୍ତି ମୃତ ଛାତ୍ରୀଙ୍କ ପରିବାର ଲୋକେ।

### ଶିକ୍ଷାର୍ଥୀଙ୍କ ମଧ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

## ୬ ବର୍ଷରେ ଜୀବନ ହାରିଲେଣି ୩୬୫୦ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୭।୧୧(ସମିସ): ବିଫଳତା ଜୀବନର ଏକ ଅଂଶ। କିନ୍ତୁ ବିଫଳତାକୁ ଛାତ୍ରଛାତ୍ରୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ପାଠପଢ଼ାରେ ଚାପ, ଆଶାନୁରୂପ ଫଳାଫଳ ନ ମିଳିବାରୁ ଶିକ୍ଷାର୍ଥୀମାନେ ଜୀବନ ହାରି ଦେଉଛନ୍ତି। ରାଜ୍ୟରେ ପ୍ରତିଦିନ କେଉଁଠି ନା କେଉଁଠି ଜଣେ କିମ୍ବା ଦୁଇ ଜଣ ଶିକ୍ଷାର୍ଥୀ ଆତ୍ମହତ୍ୟା କରୁଛନ୍ତି। ଗୁରୁବାର ରାଜଧାନୀର ଏକ ଘରୋଇ କୋଚିଂ ସେଣ୍ଟରରେ ମେଡିକାଲ ପାଠପଢ଼ା ଲାଗି ପ୍ରସ୍ତୁତ ହେଉଥିବା କଲ୍ୟାଣୀ ସାହୁ ନାମକ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ପାଠପଢ଼ା ଚାପରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରୁଛନ୍ତି ପରିବାର ଲୋକେ। ଅନୁରୂପ ଭାବେ ସପ୍ତାହେ ତଳେ ତମାଣ୍ଡୋ ଥାନା ଅଞ୍ଚଳର ଥିବା ଏକ ଘରୋଇ କଲେଜରେ ଯୁକ୍ତ ୨ ବିଜ୍ଞାନର ପ୍ରଥମ ବର୍ଷରେ ପଢୁଥିବା ଶୁଭମ୍ ସ୍ୱାଇଁ ଆତ୍ମହତ୍ୟା କରିଥିଲେ। କ୍ଲାସ୍ ଅଧାରୁ ଉଠିଆସି ହଷ୍ଟେଲର ରୁମ୍‌ରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପାଠପଢ଼ାରେ ମାତ୍ରାଧିକ ଚାପରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଥିଲା। ଏତିକି ନୁହେଁ, ଗତ କିଛି ବର୍ଷର ତଥ୍ୟ ଉପରେ ନଜର ପକାଇଲେ ଓଡ଼ିଶାରେ ଶିକ୍ଷାର୍ଥୀଙ୍କ ଆତ୍ମହତ୍ୟା କ୍ଷେତ୍ରରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ୨୦୧୭ରୁ ୨୦୨୨ ଅର୍ଥାତ୍ ଏହି ୬ ବର୍ଷରେ ୩୬୫୦ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ୨୦୧୭ରେ ୩୬୧ଜଣ, ୨୦୧୮ରେ ୫୦୧ଜଣ, ୨୦୧୯ରେ ୩୭୯ଜଣ, ୨୦୨୦ରେ ୧୪୬୯ଜଣ, ୨୦୨୧ରେ ୮୩୪ଜଣ ଓ ୨୦୨୨ରେ ୧୦୬ଜଣ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି।

ଚାଞ୍ଚଲ୍ୟକର କଥା ହେଲା, ଓଡ଼ିଶାରେ ଯେତିକି ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି ଏହାର ୫୦ପ୍ରତିଶତ ରାଜଧାନୀ ଭୁବନେଶ୍ୱରରୁ ଆସିଛି। ରାଜଧାନୀରେ ଏକାଧିକ ଶିକ୍ଷାନୁଷ୍ଠାନ ରହିଥିବାବେଳେ ଏଠାକୁ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାର ଏବଂ ବିଦେଶରୁ ଛାତ୍ରଛାତ୍ରୀମାନେ ଆସି ପାଠ ପଢ଼ନ୍ତି। ଏଠାରେ ରହି ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ପଢ଼ା ଚାପରେ ଆତ୍ମହତ୍ୟା କରୁଛନ୍ତି। ଆଉ କେତେକ କ୍ଷେତ୍ରରେ ଜୀବନର ଚଲାପଥରେ କିଛି ମାତ୍ରାରେ ବାଧାବିଘ୍ନ, ପରୀକ୍ଷାରେ ବିଫଳତା, ପାଠପଢ଼ା ପରେ ଉଚ୍ଚଶିକ୍ଷା ଲାଗି ଉତ୍ତୀର୍ଣ୍ଣ ନ ହେବାରୁ ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ଅନୁରୂପ ଭାବେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲାରେ ୨୦୨୦ରେ ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିଲା। ଶିକ୍ଷାର୍ଥୀ ଆତ୍ମହତ୍ୟାରେ ଜାତୀୟହାରଠାରୁ ରାଜ୍ୟରେ ହାର ଅଧିକ ରହିଛି। ଜାତୀୟହାର ୧୨ ପ୍ରତିଶତ ରହିଥିବାବେଳେ ରାଜ୍ୟ ହାର ୧୨.୫ ପ୍ରତିଶତ ରହିଛି। ଦେଶରେ କୋଚିଂ ବ୍ୟବସାୟର କେନ୍ଦ୍ର ପାଲଟିଥିବା ରାଜସ୍ଥାନର କୋଟାରେ ଜଣକ ପରେ ଜଣେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା ପରେ ଦେଶରେ ଆଲୋଡ଼ନ ସୃଷ୍ଟି ହେବା ସହ କୋଟା ବେଶ୍ ଚର୍ଚ୍ଚାରେ ରହିଥିଲା। ବିଶେଷକରି ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) ଲାଗି ପ୍ରସ୍ତୁତ ହେଉଥିବା ଛାତ୍ରମାନେ ଆତ୍ମହତ୍ୟା କରୁଥିଲେ। ଦେଶରଭବିଷ୍ୟତମାନେଏପରିଅକାଳରେଝଡ଼ିପଡ଼ିବାରାଜ୍ୟସମେତପୂରାଦେଶ ଲାଗି ଚିନ୍ତାର ବିଷୟ ପାଲଟିଛି। ତେବେ ପିଲାଙ୍କୁ ଡାକ୍ତର, ଇଞ୍ଜିନିୟର, ଆଇଏଏସ୍, ଆଇପିଏସ୍ ହେବା ଲାଗି ପାଠପଢ଼ା ଚାପରୁ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ବିରତ ରହିଲେ, ଆତ୍ମହତ୍ୟା ହାରରେ କମିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି।

## ଭିଡିଓ ଲାଇକ୍, ସେୟାର କରିବା ଆଳରେ ୨୦ ଲକ୍ଷ ଠକେଇ

ଭୁବନେଶ୍ୱର, ୭।୧୧(ସମିସ): ୟୁଟ୍ୟୁବ୍‌ର ଭିଡିଓକୁ ଲାଇକ୍ ଏବଂ ସେୟାର କଲେ ଟଙ୍କା ମିଳିବାର ଲୋଭ ଦେଖାଇ ସାଇବର ଠକ ଠକିନେଇଛନ୍ତି ୨୦ ଲକ୍ଷ। ଠକାମିର ଶିକାର ହୋଇଥିବା ରାଜୁ ବେହେରା ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଟଙ୍କା ଯାଇଥିବା ଆକାଉଣ୍ଟକୁ ଫ୍ରିଜ୍ କରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ରାଜୁଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଅଜଣା ନମ୍ବରରୁ ଏକ ମେସେଜ୍ ଆସିଥିଲା। ୟୁଟ୍ୟୁବ୍ ଭିଡିଓକୁ ଲାଇକ୍ ଏବଂ ସେୟାର କଲେ ପ୍ରତିଦିନ ୫ଶହରୁ ୧ହଜାର ଟଙ୍କା ମିଳିବାର ଲୋଭ ଦେଖାଇଥିଲେ। ସାଇବର ଠକଙ୍କ ଏଭଳି ମନଲୋଭା ସ୍କିମ୍‌ରେ ଫସିଯାଇଥିଲେ ରାଜୁ। ସେ ରାଜି ହୋଇ ଠକ ଦେଇଥିବା ଫୋନ୍ ନମ୍ବରରେ କଥା ହୋଇଥିଲେ। ଠକ ତାଙ୍କୁ ପ୍ରଥମେ ପଞ୍ଜୀକରଣ କରିବାକୁ କହିଥିଲେ। ୨ହଜାର ଟଙ୍କା ଦେଇ ପଞ୍ଜୀକରଣ କରିବା ପରେ ତାଙ୍କୁ କାମ କରିବାକୁ ଟ୍ୟାକ୍ସ ଦେଇଥିଲେ। ପ୍ରଥମେ କିଛି ଦିନ ଭିଡିଓ ସେୟାର କରିବା ପରେ ତାଙ୍କୁ ଟଙ୍କା ଦେଇଥିଲେ। ରାଜୁଙ୍କ ବିଶ୍ୱାସ ହେବା ପରେ ସେ ଅଧିକରୁ ଅଧିକ ଭିଡିଓ ସେୟାର କରିଥିଲେ। ହେଲେ ଠକ ତାଙ୍କୁ ଏଭଳି ନ କରି ଟଙ୍କା ବିନିଯୋଗ କରି ଦୁଇଗୁଣା ପାଇବା ପାଇଁ ଲୋଭ ଦେଖାଇଥିଲେ। ପ୍ରଥମେ ରାଜୁ ୧ଲକ୍ଷ ଟଙ୍କା ଜମା କରିଥିଲେ। ଏହିଭଳି ସେ ୨୦ ଲକ୍ଷ ଟଙ୍କା ଜମା କରିଥିଲେ। କିନ୍ତୁ ତାଙ୍କର ମ୍ୟାଚୁରିଟି ହେବା ପରେ ଠକ ଆଉ ଟଙ୍କା ଫେରାଇ ନ ଥିଲେ। ବରଂ ଅଧିକ ଟଙ୍କା ଜମାକଲେ ମୂଳ ଟଙ୍କା ସହ ଲାଭ ଟଙ୍କା ଫେରି ପାଇବାର ଲୋଭ ଦେଖାଇଥିଲେ। ଠକ ବାରମ୍ବାର ଟଙ୍କା ମାଗିବା ଦ୍ୱାରା ରାଜୁଙ୍କର ସନ୍ଦେହ ହେବାରୁ ସାଇବର ଥାନାରେ ଅଭିଯୋଗ କରିଥିଲେ।

## ପୁଣି ଫେରିଲା ରାତିଅଧିଆ ଧରପଗଡ଼

ଭୁବନେଶ୍ୱର, ୭।୧୧ (ସମିସ): ରାଜଧାନୀରେ ଭିଡ଼ ନିୟନ୍ତ୍ରଣ ଲାଗି ବିଭିନ୍ନ ଛକରେ ଦୁଇଟି ସିଫ୍ଟରେ ଟ୍ରାଫିକ୍ ପୁଲିସ ମୁତୟନ କରାଯାଉଛି। ରାତି ୧୦ଟା ହେଲେ ଟ୍ରାଫିକ୍ ପୁଲିସ ମୁତୟନ ହେଉ ନ ଥିବାରୁ ରାତିରେ କୌଣସି କାରଣରୁ ଭିଡ଼ ହେଲେ ଯନ୍ତ୍ରଣା ଭୋଗୁଛନ୍ତି ରାଜଧାନୀବାସୀ। ଏହାକୁ ଆଖି ଆଗରେ ରଖି ରାତି ୧୦ଟା ପରେ ମଧ୍ୟ ଟ୍ରାଫିକ୍ ପୁଲିସ ମୁତୟନ କରାଯାଇଛି। ପ୍ରତ୍ୟେକ ଟ୍ରାଫିକ୍ ଥାନାର ୪ଜଣ ପୁଲିସ କର୍ମଚାରୀ ଦୁଇଟି ବାଇକରେ ନିଜ ନିଜ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି। କୌଣସି ସ୍ଥାନରେ ଭିଡ଼ ସୃଷ୍ଟି ହୋଇଥିଲେ ନିୟନ୍ତ୍ରଣ କରୁଛନ୍ତି। ଏଥିସହିତ ଅଘଟଣ ଘଟିଲେ ଭିଏଚ୍ଏଫ୍ ମାଧ୍ୟମରେ ଖବର ଦେଉଛନ୍ତି। ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ଟିମ୍ ନିଜ ଥାନା ଅଞ୍ଚଳରେ ପଇଁତରା ମାରୁଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ମାସରେ ରାତି ପ୍ରାୟ ୧୨ଟା ସମୟରେ ସ୍ୱସ୍ତି ପ୍ରିମିୟମ୍ ଛକ ନିକଟରେ ଚାଲିଥିବା ମେଟ୍ରୋ ପ୍ରକଳ୍ପର ବ୍ୟାରିକେଡକୁ ଏକ ସ୍କର୍ପିଓ ଗାଡ଼ି ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଚାଳକ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିଲେ। ଗାଡ଼ିଟି ରାସ୍ତାରେ ରହିବାରୁ ରାସ୍ତା ସଙ୍କୁଚିତ ହେବା ସହିତ ହଠାତ୍ ଭିଡ଼ ହୋଇ ଯାଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ଲାଗି ଟ୍ରାଫିକ୍ ପୁଲିସ ନୟାନ୍ତ ହେବାକୁ ପଡ଼ିଥିଲା। ରାତି ଅଧରେ କ୍ରେନ୍ ଡକାଇ ଗାଡ଼ି ହଟାଇବା ପରେ ଯାଇ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବିଳମ୍ବିତ ରାତିରେ ଘଟୁଥିବା ଅଘଟଣ ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଟ୍ରାଫିକ୍ ଡିସିପି ତାପସ ଦାସ ଏନେଇ ଟ୍ରାଫିକ୍ ଥାନାମାନଙ୍କୁ ଚିଠି ଲେଖିବା ପରେ ଏଭଳି ଯୋଜନା କାର୍ଯ୍ୟକାରୀ ହୋଇଛି।



### ଫସିଲେ ମଦ୍ୟପ ଚାଳକ; ଗଣିଲେ ଜରିମାନା

ଭୁବନେଶ୍ୱର, ୭।୧୧(ସମିସ): ପୁଣି ରାତିଅଧିଆ ମଦ୍ୟପ ଗାଡ଼ି ଚାଳକ ଧରପଗଡ଼ ଆରମ୍ଭ କରିଛି କମିସନରେଟ୍ ପୁଲିସ। ବୁଧବାର ରାତିରେ ଭୁବନେଶ୍ୱର ସହରାଞ୍ଚଳର ବିଭିନ୍ନ ଥାନା ପକ୍ଷରୁ ଧରପଗଡ଼ କରାଯାଇଥିଲା। ପୁଲିସ କର୍ମଚାରୀମାନେ ବଡି କ୍ୟାମେରା, ମ୍ୟାନ୍‌ପ୍ୟାକ୍ ହ୍ୟାଣ୍ଡସେଟ୍, ରେଡିୟମ୍ ଜାକେଟ୍ ଏବଂ ଲାଇଟ୍ ବଟନ୍ ବ୍ୟବହାର କରି ଯାଞ୍ଚ କରିଥିଲେ। ରାତିରେ ନାକାବନ୍ଦୀ କରି ଯାଞ୍ଚରୁ କେତେକ ମଦ୍ୟପ ଗାଡ଼ିଚାଳକ ଧରାପଡ଼ିଥିଲେ। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାବେଳେ, କେତେକ କ୍ଷେତ୍ରରେ ପିଆର୍ ଦିଆଯାଇଥିଲା। ଅନ୍ୟ କେତେକ ସ୍ଥଳରେ ଦୁଇ ଓ ଚାରିଚକିଆ ଗାଡ଼ି ଜବତ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କୁ ୧୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି କ୍ରମରେ ବୁଧବାର ରାତିରେ କମିସନରେଟ୍ ପୁଲିସ ପକ୍ଷରୁ ଗୋଟିଏ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ୪ଟି ଗାଡ଼ିରେ ଲକ୍ଷ୍ମୀସାଗର, ବଡ଼ଗଡ଼, ଏୟାରପୋର୍ଟ, ଖଣ୍ଡଗିରି ଓ ଭରତପୁର ଥାନା ଅଞ୍ଚଳର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ରାତିରେ ପାଟ୍ରୋଲିଂ କରିଥିଲେ। ସେହି ଅଞ୍ଚଳରୁ ଦାଗୀ ଓ ସନ୍ଦେହଜନକ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ମଦ୍ୟପ ଚାଳକ ଧରପଗଡ଼କୁ ବନ୍ଦ କରି ଦିଆଯାଇଥିଲା। ଫଳରେ ରାତିରେ ମଦ୍ୟପ ଚାଳକ ଆତଙ୍କ କରିବା ସହ ଦୁର୍ଘଟଣା ଘଟାଇ ଚାଲିଥିଲେ। ଏହି ରାତିଅଧିଆ ଧରପଗଡ଼କୁ ବନ୍ଦ କରିବା ଦ୍ୱାରା ମଦ୍ୟପ ଉତ୍ପାତ କରିବା ସହ ଅପରାଧୀ ବି ଉପରମୁହାଁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ କମିସନରେଟ୍ ପୁଲିସ ତତ୍ପରତା ଦେଖାଇ ପୁଣି ଧରପଗଡ଼କୁ ଜୋର୍‌ଦାର୍ କରିଛି।

## ତାଗିଦ୍ କରିବାରୁ ଗୁହାଳରେ ନିଆଁ ଲଗାଇଦେଲା

ଭୁବନେଶ୍ୱର, ୭।୧୧(ସମିସ): ଗୁହାଳରେ ନିଆଁ ଲଗାଇଥିବା ଅଭିଯୋଗରେ ଜଣକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଣ୍ଟାବାଡ଼ର ଶନିଆ ଓରଫ ସନାତନ ଭୋଇ (୨୫)। ପୁଲିସ ସୂଚନା ଅନୁସାରେ, ଗତ ୫ ତାରିଖ ରାତିରେ ଶନିଆ ନିଶାସକ୍ତ ଅବସ୍ଥାରେ କରୁଣାକର ସେଠୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପାଖରେ ଉପସ୍ଥିତ ଥିବା କରୁଣାକରଙ୍କ ପୁତୁରା ଏହାର ପ୍ରତିବାଦ କରିବାରୁ ଶନିଆ ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଫଳରେ ପୁତୁରା ଶନିଆଙ୍କୁ ଟାଣି ଟାଣି ନେଇ ତାଙ୍କ ଘରେ ଛାଡ଼ି ଆସିଥିଲେ। ଏଥିସହିତ ଏପରି ନ କରିବାକୁ ତାଗିଦ୍ କରିଥିଲେ। ଏହାକୁ ନେଇ ଶନିଆ ଉତକ୍ଷିପ୍ତ ହେବା ସହିତ ଧମକ ଦେଇଥିଲେ। ଶନିଆ ସେହିଦିନ ବିଳମ୍ବିତ ରାତିରେ କରୁଣାକରଙ୍କ ରୋଷେଇ ଘର ଓ ଗାଈ ଗୁହାଳରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ଦୁଇଟି ବାଇକ୍ ମଧ୍ୟ ପୋଡ଼ି ଯାଇଥିଲା। ଏନେଇ ଚନ୍ଦକା ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଗୁରୁବାର ଶନିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଯୁବକଙ୍କୁ ଖଣ୍ଡା ଚୋଟ; ଦୁଇ ଭାଇ ସମେତ ୩ ଗିରଫ

ଭୁବନେଶ୍ୱର, ୭।୧୧(ସମିସ): ରାସ୍ତାରୁ ଗାଡ଼ି ସାଇଡ୍ କରିବାକୁ କହିବାରୁ ତୁମୂଳକାଣ୍ଡ ଘଟିଛି। ୩ ଜଣ ମିଶି ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଖଣ୍ଡା ଚୋଟରେ ତାଙ୍କ ପିଠିରେ କ୍ଷତ ସୃଷ୍ଟି ହୋଇଛି। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚଗାଁରେ ଏଭଳି ଘଟଣା ଘଟିଛି। ଆହତ ଯୁବକ ହେଲେ ପ୍ରସନଜିତ୍ ସାମନ୍ତରାୟ। ଅଭିଯୋଗ ପାଇବା ପରେ ଦୁଇ ଭାଇଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସୁତିକିର୍ତ୍ତି ସାମନ୍ତରାୟ ଓରଫ ବଣ୍ଟି (୨୩), ସୌରିକିର୍ତ୍ତି ସାମନ୍ତରାୟ ଓରଫ ଜୁଜୁ (୨୦) ଓ ସୁଜିତ ସାମନ୍ତରାୟ ଓରଫ ପିଣ୍ଟୁ (୨୮)।



■ କାର୍, ଖଣ୍ଡା ଓ ୪ ଅଫୁଟା ବୋମା ଜବତ
■ କଲେଜ ବସକୁ ବୋମାମାଡ଼ରେ ରହିଛି ସମ୍ପୃକ୍ତି

ପୁଲିସ ସୂଚନା ଅନୁସାରେ, ପାଞ୍ଚଗାଁର ପ୍ରସନଜିତ୍ ବୁଧବାର ରାତିରେ ଡ୍ରାମା ରିହରସାଲ୍ ସାରି ଘରକୁ ଫେରୁଥିବାବେଳେ ବଣ୍ଟି, ଜୁଜୁ ଓ ପିଣ୍ଟୁ କାର୍ ରଖି ରାସ୍ତା ଅବରୋଧ କରିଥିଲେ। ପ୍ରସନଜିତ୍ ସେମାନଙ୍କୁ ଗାଡ଼ି ସାଇଡ୍ କରିବାକୁ କହିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। କାର୍ ପଛପଟେ ରଖିଥିବା ଏକ ଖଣ୍ଡା ଆଣି ପ୍ରସନଜିତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ପିଠିରେ ଗଭୀର ଆଘାତ ଲାଗିଥିଲା। ପ୍ରସନଜିତଙ୍କ ପାଟି ଶୁଣି ଲୋକମାନେ ଆସିଯିବାରୁ ଅଭିଯୁକ୍ତମାନେ ଫେରାର୍ ହୋଇ ଯାଇଥିଲେ। ଏନେଇ ପ୍ରସନଜିତ୍ ଅଭିଯୋଗ କରିବା ପରେ ଏୟାରଫିଲ୍ଡ ଥାନା ପୁଲିସ ବଣ୍ଟି, ଜୁଜୁ ଓ ପିଣ୍ଟୁଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୪ଟି ଅଫୁଟା ବୋମା, ଗୋଟିଏ ଖଣ୍ଡା ଓ ଗୋଟିଏ କାର୍ ଜବତ କରିଥିଲା। ଆଲୁ ଖୋଲୁଖୋଲୁ ମହାଦେବ ବାହାରିବା ଭଳି ଆକ୍ରମଣ ଘଟଣାର ତଦନ୍ତ କରୁଥିବା ପୁଲିସକୁ ବୋମାମାଡ଼ ଘଟଣାର ସୁରାକ୍ ମିଳିଥିଲା। ଗତ ସେପ୍ଟେମ୍ବର ମାସରେ ଜାମୁକୋଳି ସ୍ଥିତ ଘରୋଇ ଇଞ୍ଜିନିୟରିଂ କଲେଜରେ ଓଡ଼ିଆ ଓ ଅଣଓଡ଼ିଆ ଛାତ୍ର ବିବାଦରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। କଲେଜ ସାଇନ୍-ଏ-ଡାଏ ଘୋଷଣା ପରେ ଏୟାରଫିଲ୍ଡ ଥାନା ପୁଲିସ ଅଣଓଡ଼ିଆ ଛାତ୍ରମାନଙ୍କୁ ଏକ ବସରେ ନେଇ ଯାଉଥିଲା। ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ବସଟି ପାଞ୍ଚଗାଁ ଛକରେ ପହଞ୍ଚିଥିବାବେଳେ ବଣ୍ଟି, ଜୁଜୁ ଓ ପିଣ୍ଟୁ ସମେତ ସହଯୋଗୀମାନେ ମିଶି ବସ୍ ଉପରକୁ ବୋମାମାଡ଼ କରିଥିଲେ ଦୁର୍ବୃତ୍ତ। ଏଥିରେ ଡ୍ରାଇଭର ଆହତ ହେବା ସହିତ ବସ୍ କାଚ ଭାଙ୍ଗି ଯାଇଥିଲା। ଏହି ବୋମାମାଡ଼ ଘଟଣାରେ ମଧ୍ୟ ଅଭିଯୁକ୍ତମାନଙ୍କର ସମ୍ପୃକ୍ତି ଥିବା ତଦନ୍ତବେଳେ ଜଣାପଡ଼ିଥିଲା। ସେପଟେ ବଣ୍ଟି ଓ ଜୁଜୁ ନାମରେ ପୂର୍ବରୁ ୫ଟି ମାମଲା ରହିଥିବାବେଳେ ପିଣ୍ଟୁ ନାମରେ ୪ଟି ମାମଲା ରହିଥିବା ତଦନ୍ତବେଳେ ଜଣାପଡ଼ିଥିଲା।

## ଦାଦାବଟି ପାଇଁ ମରଣାନ୍ତକ ଆକ୍ରମଣ; ଅଭିଯୁକ୍ତ ଗିରଫ

ପୂର୍ବରୁ ରହିଛି ୮ ମାମଲା



ଭୁବନେଶ୍ୱର, ୭।୧୧ (ସମିସ): ଦାଦାବଟି ନ ଦେବାରୁ ମରଣାନ୍ତକ ଆକ୍ରମଣ କରିଥିବା ଜଣେ ଅଭ୍ୟାସଗତ ଅପରାଧୀକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଡୁସାହିର ସୁନିଲ୍ ବଟୁ ଓରଫ ସୋନୁ (୩୩)।

ପୁଲିସ ସୂଚନା ଅନୁସାରେ, ଫଳ ଦୋକାନୀ ଦୁର୍ଗାଚରଣ ସାହୁ ବୁଧବାର ରାତିରେ ଦୋକାନ ବନ୍ଦ କରି ରାମେଶ୍ୱର ପାଟଣାଠାରେ ଥିବା ବ୍ରଦର୍ସ ଢାବାକୁ ବିରିୟାନି ଆଣିବା ପାଇଁ ଯାଇଥିଲେ। ସେଠାରେ ସୋନୁ ତାଙ୍କୁ ହଠାତ୍ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ୫ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଦୁର୍ଗାଚରଣ ଦାଦାବଟି ଦେବାକୁ ମନା କରିବାରୁ ସୋନୁ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହିତ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏଥିରେ ଦୁର୍ଗାଚରଣ ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ। ଏନେଇ ସେ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ସୋନୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋନୁ ନାମରେ ପୂର୍ବରୁ ମଧ୍ୟ ଶ୍ରୀଲିଙ୍ଗରାଜ ଥାନାରେ ମୋଟ ୮ଟି ଅପରାଧିକ ମାମଲା ରହିଥିବା ତଦନ୍ତବେଳେ ଜଣାପଡ଼ିଥିଲା।

## ଏନ୍‌ସିବି ସ୍କାନର୍‌ରେ ଓଡ଼ିଶାର ୧୩ ନିଶା ମାଫିଆ

ଭୁବନେଶ୍ୱର, ୭।୧୧(ସମିସ): ଓଡ଼ିଶା ନିଶାମାଫିଆମାନେ ସାରା ଦେଶରେ ରାଜୁତି କରୁଛନ୍ତି। ନିଶା କାରବାର କରି ଆନ୍ତର୍ଦେଶୀୟ ସାମ୍ରାଜ୍ୟ ଚଳାଇ ଆସୁଛନ୍ତି। ଦୀର୍ଘବର୍ଷ ଧରି ନିଶା କାରବାର କରି ମୋଷ୍ଟୱାଣ୍ଟେଡ୍‌ରେ ଥିବା ଓଡ଼ିଶା ନିଶା ମାଫିଆଙ୍କୁ ଟାର୍ଗେଟ୍ କରିଛି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)। ଓଡ଼ିଶାର ୧୩ଜଣ ନିଶା ମାଫିଆ ଏବେ ଏନ୍‌ସିବି ସ୍କାନରକୁ ଆସିଛନ୍ତି। ସେମାନେ କେବଳ ଭୁବନେଶ୍ୱରରେ ଥିବା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଶାଖା ନୁହେଁ; ଦିଲ୍ଲୀ, ମୁମ୍ବଇ ଓ ହାଇଦରାବାଦ ଶାଖା ସେମାନଙ୍କୁ ସ୍କାନରକୁ ନେଇଛି। ଏନ୍‌ସିବି ସ୍କାନରରେ ଥିବା ନିଶା ମାଫିଆଙ୍କ ସମସ୍ତ ତଥ୍ୟକୁ ଓଡ଼ିଶା ପୁଲିସ ସହ ସ୍ଥାନୀୟ ଥାନାକୁ ଅବଗତ କରାଯାଇଛି। ସେମାନଙ୍କ ନାମରେ ମୋଷ୍ଟୱାଣ୍ଟେଡ୍ ଲେଖି ଘର ସାମ୍ନାରେ ଲଟ୍‌କା ଝୁଲାଇବା ଲାଗି ସ୍ଥାନୀୟ ଥାନାଗୁଡ଼ିକୁ କୁହାଯାଇଥିବା ଜଣାପଡ଼ିଛି। ବିଶେଷକରି ଓଡ଼ିଶା ସମେତ ୧୧ଟି ରାଜ୍ୟରେ ଗଞ୍ଜେଇ ଚୋରା ଚାଲାଣର ବିରାଟ ସାମ୍ରାଜ୍ୟ ଚଳାଉଥିବା ନିଶା ବେପାରୀ ଅନିଲ ପାଣ୍ଡି ମୋଷ୍ଟୱାଣ୍ଟେଡ୍ ତାଲିକାରେ ଆଗରେ ରହିଛି। ଏକାଧିକ ରାଜ୍ୟ ପୁଲିସ ମୋଷ୍ଟୱାଣ୍ଟେଡ୍ ରହିଥିବା ସେ ଏବେ ଏନ୍‌ସିବିର କଳାତାଲିକାକୁ ଆସିଛି। ପୂର୍ବରୁ ଅନିଲ ଓ ଭାଇ ସୁନିଲ ମିଶି ଗଞ୍ଜେଇ ଚୋରା ଚାଲାଣର ମଙ୍ଗ ଧରିଥିଲେ। କେବଳ ମୁମ୍ବଇରେ ୧୧ଟି ମାମଲାରେ ଏମାନଙ୍କ ସମ୍ପୃକ୍ତି ଥିବାବେଳେ ୨୦୨୨ରେ ସୁନିଲକୁ ଏନ୍‌ସିବି ଧରିଥିଲା। କିନ୍ତୁ ସେ ଦୀର୍ଘ ୨ବର୍ଷ ହେବ ଫେରାର୍ ରହି ଆତ୍ମଗୋପନ କରି ନେଇଥିଲା। ଏବେ ପୁଣି ସେ ସକ୍ରିୟ ରହି ଓଡ଼ିଶାରୁ ମୁମ୍ବଇ ଗଞ୍ଜେଇ ଚାଲାଣର ମଙ୍ଗ ଧରିବା ସହ ସକ୍ରିୟ ହୋଇଛି। ତେଣୁ ଏନ୍‌ସିବି ଅନିଲ ସମେତ ଓଡ଼ିଶାର ଆଉ ୧୨ଜଣ ନିଶା ବେପାରୀଙ୍କୁ ମିଶାଇ ୧୩ଜଣଙ୍କ ଏକ ତାଲିକା ପ୍ରସ୍ତୁତ କରିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି।

### ରିମାଣ୍ଡରେ ଆସିବ କିଙ୍ଗପିନ୍ ଆଶିଷ୍

ଦେବଗଡ଼ ଜିଲ୍ଲା ରିଆମାଳର ବଞ୍ଜାରୀରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ଘଟଣାରେ ଗିରଫ ହୋଇଥିବା ୪ ନିଶା ବେପାରୀଙ୍କ ସାମ୍ରାଜ୍ୟ ଖୋଲିବା ଲାଗି ପ୍ରକ୍ରିୟା ଆରମ୍ଭ କରିଛି ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍)। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଗଞ୍ଜେଇ ଚାଲାଣର କିଙ୍ଗପିନ୍ ଆଶିଷ୍ ବାରିକ୍‌କୁ ରିମାଣ୍ଡରେ ଅଣାଯିବ। ସେ ଗ୍ୟାଙ୍ଗ୍‌ର କିଙ୍ଗପିନ୍ ସାଜି ପୂରା ଅପରେଟ୍ କରୁଥିଲା। ଆନ୍ତଃରାଜ୍ୟ ମାଫିଆଙ୍କ ସହ ସୁସମ୍ପର୍କ ରଖି ଗଞ୍ଜେଇ କାରବାର ଚଳାଉଥିଲା। ସେ ପୂର୍ବରୁ ଗିରଫ ହୋଇ ବର୍ଷେ ଜେଲ୍‌ରେ ବିତାଇଥିଲା। ଜାମିନରେ ମୁକୁଳି ପୁନଶ୍ଚ ଗଞ୍ଜେଇ କାରବାର ଚଳାଉଥିଲା। ତାକୁ ରିମାଣ୍ଡରେ ଆଣି ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣର ଲିଙ୍କ୍ ଖୋଜିବାକୁ ଉଦ୍ୟମ କରିବ ଏସ୍‌ଟିଏଫ୍। ଅନୁରୂପ ଭାବେ ସେମାନେ ଗତ ୩ମାସ ହେବ ବୌଦ୍ଧରୁ ଗଞ୍ଜେଇ ସଂଗ୍ରହ କରୁଥିଲେ। ବଞ୍ଜାରୀ ନିକଟରେ ଅସ୍ଥାୟୀ ଗୋଦାମ ଗୃହ କରିବା ପରେ ସେଠାରେ ଗଞ୍ଜେଇ ଗଚ୍ଛିତ ରଖୁଥିଲେ। ବଇନା ଅନୁଯାୟୀ ଦଲାଲ୍‌ଙ୍କୁ ଗଞ୍ଜେଇ ଯୋଗାଇ ଦିଆଯାଉଥିଲା।

### ମଙ୍ଗୁଆଳ ସାଜିଥିବା ମାଫିଆଙ୍କ ନାମରେ ଝୁଲିବ ଲଟ୍‌କା

### ମେଟ୍ରୋସିଟିକୁ ଝୁମାଉଛି ଓଡ଼ିଶାର ଗଞ୍ଜେଇ

ସେହିପରି ଓଡ଼ିଶାରୁ ଗଞ୍ଜେଇ, ବ୍ରାଉନ୍‌ସୁଗର ନେଇ ମାଟ୍ରୋ ସିଟିଗୁଡ଼ିକୁ ଚାଲାଣ କରୁଛନ୍ତି। ବିଶେଷକରି ମାଫିଆମାନେ ଓଡ଼ିଶାରୁ ଉତ୍ପାଦନ ହେଉଥିବା ଗଞ୍ଜେଇକୁ ଦିଲ୍ଲୀ, ମୁମ୍ବଇ, ହାଇଦରାବାଦ ଭଳି ମେଟ୍ରୋ ସିଟିକୁ ଚାଲାଣ କରୁଛନ୍ତି। ସେଠାରେ ଥିବା ଡ୍ୟାନ୍ସବାର, ପବ୍ ଓ କ୍ଲବ୍‌ଗୁଡ଼ିକରେ ରାତିମତ ଗଞ୍ଜେଇ ଯୋଗାଉଛନ୍ତି। ସେଠାରେ ଓଡ଼ିଶାର ଗଞ୍ଜେଇ ନିଶାରେ ସମସ୍ତେ ଝୁମୁଛନ୍ତି। ଅନୁରୂପ ଭାବେ ମୁମ୍ବଇକୁ ଗଞ୍ଜେଇ ଚୋରାଚାଲଣ କରିବା ସହ ବଲିଉଡ୍ କଳାକାରଙ୍କୁ ଗଞ୍ଜେଇ ଯୋଗାଉଥିବା ଲିଙ୍କ୍ ମିଳୁଛି। ମୁମ୍ବଇରେ ଓଡ଼ିଶାର ଗଞ୍ଜେଇ ମହକୁଥିବାରୁ ସେଠାରେ ଚାହିଦା ରହିଛି। ଓଡ଼ିଶାର ଗଞ୍ଜେଇକୁ ବଲିଉଡ୍ କଳାକାରମାନେ ସେବନ କରୁଥିବାର ପୂର୍ବରୁ ସ୍ପଷ୍ଟ ମଧ୍ୟ ହୋଇଛି। ନିକଟ ଅତୀତରେ ଓଡ଼ିଶାର ୪ଜଣ ମୋଷ୍ଟୱାଣ୍ଟେଡ୍ ନିଶା ମାଫିଆଙ୍କୁ ଏନ୍‌ସିବି ଗିରଫ କରିଛି। ନିଲୁ ପ୍ରଧାନ, ଆଜାଦ୍ ପରଭେଜ୍, ସୁନିଲ ପାଣ୍ଡିଙ୍କ ଭଳି ୪ଜଣଙ୍କୁ ବିଭିନ୍ନ ରାଜ୍ୟର ଏନ୍‌ସିବି ଶାଖା ଗିରଫ କରି ଜେଲ୍‌କୁ ପଠାଇ ଦେଇଛି। ଦୁଇଦିନ ତଳେ ନିଶା ମାଫିଆ ନିଲୁ ପ୍ରଧାନକୁ ଗଞ୍ଜାମରୁ ଉଠାଇ ନେଇଛି ମୁମ୍ବଇ ଏନ୍‌ସିବି। ସ୍ଥାନୀୟ କୋର୍ଟରେ ହାଜର କରି ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣର ଲିଙ୍କ୍ ଖୋଜୁଛି। ପୂର୍ବରୁ ଆଜାଦ୍ ପରଭେଜକୁ ଗୌହାଟିରୁ ଏନ୍‌ସିବି କାବୁ କରିଥିବାବେଳେ ସୁନିଲକୁ ମୁମ୍ବଇ ଏନ୍‌ସିବି ଧରିଥିଲା। ସେମାନେ ଏବେ ବିଭିନ୍ନ ଜେଲ୍‌ରେ ରହିଛନ୍ତି। ଓଡ଼ିଶାରୁ ଅପରେଟ୍ କରୁଥିବା ମୋଷ୍ଟୱାଣ୍ଟେଡ୍ ନିଶା ବେପାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ରାଜ୍ୟରେ ଥିବା ଏନ୍‌ସିବି ଶାଖା ପକ୍ଷରୁ ଓଡ଼ିଶା ଶାଖାକୁ ଅବଗତ କରାଯାଉଛି। ଏନ୍‌ସିବି, ଏସ୍‌ଟିଏଫ୍ ଓ ସ୍ଥାନୀୟ ପୁଲିସକୁ ମିଶାଇ ଗୋଟିଏ ଟିମ୍ ଗଠନ କରାଯାଉଛି। ଏହି ଟିମ୍ ନିଶା ବେପାରୀଙ୍କୁ କିଛି ଦିନ ସ୍କାନରରେ ରଖିବା ପରେ କାବୁ କରୁଛି।

## ଘରକୁ ବାଣ ଫିଙ୍ଗିଲେ; ବିରୋଧ କରିବାରୁ କଟୁରି ଧରି ଗୋଡ଼ାଇଲେ

ଭୁବନେଶ୍ୱର, ୭।୧୧(ସମିସ): ଘର ଉପରକୁ ବାଣ ପକାଇଲେ। ଛୋଟ ପିଲାଙ୍କୁ ଲଗାଇ ଟେକାପଥର ଫିଙ୍ଗିଲେ। ବିରୋଧ କରିବାରୁ କଟୁରି ଧରି ହାଣିବାକୁ ଗୋଡ଼ାଇଲେ। ଏଭଳି ଘଟଣା ଏୟାରଫିଲ୍ଡ ଥାନା କପିଳପ୍ରସାଦରେ ଦେଖିବାକୁ ମିଳିଛି। ଏନେଇ ଥାନାରେ ସୁଲୋଚନା ଓଝା ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ବେଣୁଧର ଏବଂ ତାଙ୍କ ପତ୍ନୀ ଅଭିଯୋଗକାରୀ ସୁଲୋଚନାଙ୍କ ପଡ଼ୋଶୀ। କିନ୍ତୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେମାନେ ତାଙ୍କ ଘର ଉପରକୁ ଜାଣିଶୁଣି ବାଣରେ ନିଆଁ ଲଗାଇ ଫିଙ୍ଗନ୍ତି। ଏପରିକି ଟ୍ୟୁସନ୍ ହେବାକୁ ଆସିଥିବା ପିଲାଙ୍କୁ ଲଗାଇ ଟେକା ପଥର ଫିଙ୍ଗନ୍ତି। ଏହାକୁ ସୁଲୋଚନା ବିରୋଧ କରିବାକୁ ବେଣୁଧର ଏବଂ ତାଙ୍କ ପତ୍ନୀ କଟୁରି ଓ ସାବଳ ଧରି ମାରିବାକୁ ଗୋଡ଼ାଇଥିଲେ।



# ଭୁବନେଶ୍ୱର ସିଟି

ବିଗିଡ଼ିଲାଣି ସହରର ପରିମଳ ସମସ୍ୟା

# ମେୟରଙ୍କ ଘର ନିକଟରୁ ବି ଉଠୁନି ଅଳିଆ

ଭୁବନେଶ୍ୱର, ୭।୧୧(ସମିସ): ବିଏମ୍‌ସିର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଗଲାଣି। କିଛି କିଛି ସ୍ଥାନରେ ଦୀର୍ଘ ସମୟ ଧରି ଅଳିଆ ପଡ଼ି ରହୁଛି। ଅଧିକାଂଶ ସ୍ଥାନରୁ ଆଉ ଅଳିଆ ଉଠୁନାହିଁ ବୋଲି ବାରମ୍ବାର ଅଭିଯୋଗ ହେଉଛି। ସହରର ପରିମଳ ପରିସ୍ଥିତି ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି। ବିଏମ୍‌ସିର ପରିମଳ ଚିନ୍ତା ଏବେ ଅଧିକାରୀମାନଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଲାଣି। କେମିତି ଏହାକୁ ସମାଧାନ କରାଯିବ ତାହାକୁ ନେଇ ଚିନ୍ତାରେ ବଡ଼ ଅଧିକାରୀ। ଲୋକଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ବଢ଼ୁଥିଲାବେଳେ ଏଭଳି ଅଭିଯୋଗକୁ ଶୁଣିବାକୁ ବିଏମ୍‌ସିରେ ବି କେହି ନାହାନ୍ତି। କ୍ଷେତ୍ର ଅଧିକାରୀ ଯଥା- ଏସ୍‌ଆଇ, ୱାର୍ଡ ଅଫିସରଙ୍କୁ ପରିମଳ କଥା କହିଲେ ସେମାନେ ମୁହଁ ବୁଲାଇ ଦେଉଥିଲାବେଳେ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ବିଭାଗୀୟ ମୁଖ୍ୟ ଅଧିକାରୀ ଡ. ମନୋରଞ୍ଜନ ସାହୁଙ୍କ ଉପଜିଲ୍ଲାପାଳ ପଦକୁ ପଦୋନ୍ନତି ହୋଇଛି। ଏହି ସ୍ଥାନରେ କାହାକୁ ନିଯୁକ୍ତି ଦିଆଯିବ ତାହା ସ୍ଥିର କରିବା ବିଏମ୍‌ସି ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଲାଣି। ସେପଟେ ସ୍ଥିତି ଏଭଳି ହେଲାଣି ଯେ, ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ଘର ପଛପଟରୁ ବି ଅଳିଆ ଉଠିପାରୁନାହିଁ। ଅହେତୁକ ବିଳମ୍ବ ହେଉଛି। ଦିନ ଦିନ ଧରି ଅଳିଆ ପଡ଼ି ରହୁଛି। ମେୟରଙ୍କ ବାସଭବନରୁ ମାତ୍ର ୫୦ ମିଟର ଦୂରରେ ସ୍ଥିତି ଏଭଳି ହୋଇଛି। ୟୁନିଟ୍‌-୧ରୁ ୟୁନିଟ୍‌-୬କୁ ସଂଯୋଗ କରୁଥିବା ରାସ୍ତାରେ ଦୀର୍ଘ ଦିନ ହେବ ଗଛ ଡାଳ ପକାଇ ଚାଲିଯାଉଛନ୍ତି। ଏହା

**ନାହାନ୍ତି ବିଭାଗୀୟ ମୁଖ୍ୟ; ମନମାନୀ କରୁଛନ୍ତି ଏଜେନ୍ସି**

**ଜିଭିପି ଅବସ୍ଥା ସାଙ୍ଘାତିକ; ଲୋକେ ଭୁଲିଗଲେଣି ପରିମଳ ନିୟମ**

ବ୍ୟତୀତ ଅଳିଆ ନ ଉଠିବାରୁ ଏହା ଏକ ଛୋଟ ଅସ୍ଥାୟୀ ଡମ୍ପିଂୟାର୍ଡରେ ପରିଣତ ହେଲାଣି।

ଜିଭିପି ପଏଣ୍ଟଗୁଡ଼ିକର ଅବସ୍ଥା ଠିକ୍ ନ ଥିଲାବେଳେ ଏଜେନ୍ସିଗୁଡ଼ିକ ମନମାନୀ କରୁଛନ୍ତି। ଅଳିଆ ଉଠୁ କି ନ ଉଠୁ ସତେ ଯେପରି ସେମାନଙ୍କ କିଛି ଦାୟିତ୍ୱ ନ ଥିଲା ଭଳି ଲାଗୁଛି। ବିଏମ୍‌ସିରେ ନିୟମ କରିଛି ଯେ ଯଦି ସକାଳ ୧୦ଟା ଭିତରେ ଅଳିଆ ନ ଉଠେ ତେବେ ସମ୍ପୃକ୍ତ ଏଜେନ୍ସି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ୟୁନିଟ୍‌-୧, କେଦାରପଲ୍ଲୀ ବସ୍ତି, ୱାର୍ଡ ନମ୍ବର ୬୨ର ପୋଖରୀପୁଟ ଅଞ୍ଚଳ, ବିଜେବି ନଗର, ବାପୁଜୀ ନଗର, ୱାର୍ଡ ନମ୍ବର ୪୦ ପ୍ରଭୃତି ଅଞ୍ଚଳରେ ଅଳିଆ ଉଠୁ ନ ଥିଲାବେଳେ ଏଜେନ୍ସି ବିରୋଧରେ କିମ୍ବା ୱାର୍ଡସ୍ତରୀୟ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ପୂର୍ବରୁ ବିଏମ୍‌ସି ପକ୍ଷରୁ ରଜଧାନୀରେ ବିଭିନ୍ନ ଦୋକାନଗୁଡ଼ିକ ପାଇଁ ୫ ମିଟର ପରିମଳ ନିୟମ ବ୍ୟବସ୍ଥା କରାଯାଇଥିଲା। ହେଲେ ଏହାକୁ ଠିକ୍ ଭାବେ ପାଳନ କରାଯାଉ ନାହିଁ। ଯିଏ ପାଳନ କରୁନାହିଁ ତାଙ୍କ ବିରୋଧରେ ଅଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଲାଗୁଛି ଯେପରି ୫ ମିଟର ନିୟମ ବୋଲି କିଛି ଦୋକାନୀମାନେ ଏହାକୁ ଭୁଲି ଗଲେଣି। ଅନ୍ୟପକ୍ଷରେ ବ୍ରସ୍ କଟିଂ, କଞ୍ଜରଭାନ୍ସି ଲେନ୍ ସଫା, ନିର୍ମାଣବର୍ଜ୍ୟ ପରିଚାଳନା, ଗ୍ରୀନ୍ ଗାର୍ବେଜ କଲେକ୍ସନ୍ ଠିକ୍ ଭାବେ ହୋଇପାରୁ ନ ଥିଲାବେଳେ ମାର୍କେଟଗୁଡ଼ିକରେ ଡଷ୍ଟବିନ୍ ରହୁନାହିଁ ବୋଲି ଅଭିଯୋଗ ହେଉଛି।



## ୩୦ କେଜି ଗଞ୍ଜେଇ ଜବତ; ବେପାରୀ ଗିରଫ



ବାଲିଅନ୍ତା, ୭।୧୧(ସମିସ): ବାଲିଅନ୍ତା ଥାନା ପୁଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ଗୁରୁବାର ବାଲିଅନ୍ତା ଥାନା ଅଞ୍ଚଳରେ ଅତର୍କିତ ଚଢ଼ଉ କରି ଜଣେ କୁଖ୍ୟାତ ପେଶାଦାର ଚୋରା ଗଞ୍ଜେଇ ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲା କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଥାନା ଅଧୀନ ରାୟକଳା ଗ୍ରାମର କାହ୍ନୁ ଚରଣ ନାୟକ (୩୬)କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ କାହ୍ନୁର ଜାମିନ ଖାରଜ ହୋଇଯିବାରୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କାହ୍ନୁ ନିକଟରୁ ୩୦ କେଜି ଗଞ୍ଜେଇ ସମେତ ଚୋରା ଚାଲାଣ କାରବାରରେ ବ୍ୟବହୃତ ଟୟୋଟା କାର୍ ଏବଂ ମୋବାଇଲ୍ ଫୋନ୍ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ। ଏହି ଗଞ୍ଜେଇ ଚାଲାଣ ମାମଲାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ନେଇ କମିସନରେଟ୍ ପୁଲିସ ଛାନଭିନ ଚଳାଇଛି। ଜୋନ୍ ୪ ଏସିପି ମାନସ ଦେଓଙ୍କ ସୂଚନା ଅନୁସାରେ, କନ୍ଧମାଳ ଅଞ୍ଚଳରୁ ଚୋରା ଗଞ୍ଜେଇ ବାଲିଅନ୍ତା ଆଡ଼କୁ ଆସୁଥିବା ନେଇ କମିସନରେଟ୍ ପୁଲିସକୁ ସୂଚନା ମିଳିଥିଲା। ସ୍ପେଶାଲ ସ୍କ୍ୱାଡ୍ ଏବଂ ବାଲିଅନ୍ତା ଥାନା ପୁଲିସ ମିଳିତ ହୋଇ ଭୁବନେଶ୍ୱର-କଟକ ବାଇପାସ୍ ରାସ୍ତାର ଟଙ୍କପାଣି ସାଇ ମନ୍ଦିର ନିକଟରେ ଛକି ରହିଥିଲେ। ଟୟୋଟା କାରରେ କାହ୍ନା ପହଞ୍ଚିବା କ୍ଷଣି ପୁଲିସ ଟିମ୍ ଗାଡ଼ିକୁ ପିଛା କରିଥିଲେ। ପଥରକୋଟ ନିକଟରେ ଗାଡ଼ି ଯାଞ୍ଚ କରିବାରେ ଉକ୍ତ ପରିମାଣର ଗଞ୍ଜେଇ ମିଳିଥିଲା।

## ରାସ୍ତା ଛାଡ଼ିବାକୁ ନେଇ ମାରପିଟ୍; ୩ ଆହତ

ଭୁବନେଶ୍ୱର, ୭।୧୧(ସମିସ): ରାସ୍ତା ଛାଡ଼ିବାକୁ ନେଇ ଦୁଇ ପକ୍ଷ ମାରପିଟ୍ ହୋଇଛନ୍ତି। ପେଚକସ୍ ଓ ରେଞ୍ଚି ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ଗଣ୍ଡମୁଣ୍ଡା ଛକରେ ଏଭଳି ଘଟଣା ଘଟିଥିବାବେଳେ ଦୁଇ ପକ୍ଷ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗଣ୍ଡମୁଣ୍ଡା ଅଞ୍ଚଳରେ ରହୁଥିବା ରମଣ ସିଂ, ତାଙ୍କ ଭାଇ ଓ ଦୁଇ ଯୁବତୀ କାର୍ ଯୋଗେ ପୋଖରୀପୁଟ ଆଡ଼କୁ ଯାଉଥିଲେ। ଗଣ୍ଡମୁଣ୍ଡା ତ୍ରିନାଥ ମନ୍ଦିର ଛକରେ ଜଣେ ଯୁବକ ରାସ୍ତା ଉପରେ ବାଇକ୍ ରଖି ଫୋନରେ କଥା ହେଉଥିଲେ। କାର୍ ଯିବା ପାଇଁ ରାସ୍ତା ନ ପାଇ ରମଣ ହର୍ଣ୍ଣ ମାରିଥିଲେ। କିନ୍ତୁ ଯୁବକ ଜଣକ ବାଇକ୍ ହଟାଇ ନ ଥିଲେ। ରମଣ ଓ ତାଙ୍କ ଭାଇ ଏନେଇ ପଚାରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହେବା ସହିତ ହାତାହାତି ହୋଇଥିଲେ। ବାଇକ୍ ରଖିଥିବା ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ସେ ଥାଲାସେମିଆ ରୋଗରେ ପୀଡ଼ିତ। ତାଙ୍କୁ ଗାଳିଗୁଲଜ ହେଉଥିବା ଶୁଣି ସ୍ଥାନୀୟ ଲୋକେ ଏକାଠି ହୋଇ ଯାଇଥିଲେ। ଏହାପରେ ଦୁଇ ପକ୍ଷଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ରମଣ ଓ ତାଙ୍କ ଭାଇଙ୍କୁ ପେଚକସ୍ ଓ ରେଞ୍ଚିରେ ଆକ୍ରମଣ କରିଥିଲେ। ଏନେଇ ଦୁଇ ପକ୍ଷ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍; ଦୁଇ ଗିରଫ



ଭୁବନେଶ୍ୱର, ୭।୧୧(ସମିସ): ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍ କରୁଥିବା ଗ୍ୟାଙ୍ଗର ଦୁଇ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା କୃଷ୍ଣପୁର ଶାସନର କୁଖ୍ୟାତ୍ ଲୁଟେରା ସମ୍ଭବ କୁମାର ଆଚାର୍ଯ୍ୟ ଓରଫ ସମ୍ଭୁ (୩୪) ଓ ବିହାରର ଜିତେନ ବୋସକ (୩୦)।

ପୁଲିସ ସୂଚନା ଅନୁସାରେ, ଗତ ମଙ୍ଗଳବାର ସକାଳେ ଭିକାରୀ ମହାକୁଡ଼ ଆଇଟିଇଆର୍ କଲେଜ ନିକଟସ୍ଥ ଏସବିଆଇ ଏଟିଏମକୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। ସେଠାରେ ଟଙ୍କା ଉଠାଣ ସମୟରେ ତାଙ୍କ ପଛରେ ଛିଡ଼ା ହୋଇଥିବା ସମ୍ଭବ ଓ ଜିତେନ ସାହାଯ୍ୟ ଆଳରେ ଏଟିଏମ୍ କାର୍ଡକୁ ମେସିନରୁ କାଢ଼ି ନେଇ ତା' ପରିବର୍ତ୍ତେ ଅନ୍ୟ ଏକ କାର୍ଡ ଲଗାଇ ଦେଇଥିଲେ। ଏଥିସହିତ ଏଟିଏମ୍ ପିନ୍ ମଧ୍ୟ ଜାଣିଯାଇଥିଲେ। ଦୁଇ ଅଭିଯୁକ୍ତ ସେହିଦିନ ଅପରାହ୍ଣରେ ସୌଭାଗ୍ୟ ନଗର ଏଟିଏମ୍ କାଉଣ୍ଟରରେ ଏଟିଏମ୍ କାର୍ଡକୁ ବ୍ୟବହାର କରି ଦୁର୍ବୃତ୍ତମାନେ ୪୦ ହଜାର ଟଙ୍କା ଉଠାଇ ନେଇଥିଲେ। ସେପଟେ ଉକ୍ତ କାର୍ଡଟି ତାଙ୍କର ହୋଇ ନ ଥିବା ଜାଣିବା ପରେ ଭିକାରୀ ଜାଗମରା ଏସବିଆଇ ଶାଖାକୁ ଯାଇ ଏଟିଏମ୍ କାର୍ଡଟିକୁ ବ୍ଲକ୍ କରିଥିଲେ। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ବରମୁଣ୍ଡା ଅଞ୍ଚଳରେ ଚଢ଼ଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୪୦ ହଜାର ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଓ ଏକ ମୋଟର ସାଇକଲ ଜବତ କରିଥିଲା। ଦୁଇ ଅଭିଯୁକ୍ତ ସାଧାରଣତଃ ବୃଦ୍ଧବୃଦ୍ଧାଙ୍କ ଉପରେ ନଜର ରଖିବା ସହିତ ସେମାନଙ୍କ ନିକଟରୁ ଏହିଭଳି ଭାବେ ଏଟିଏମ୍ କାର୍ଡ ଲୁଟ୍ କରି ସେହି କାର୍ଡରୁ ଟଙ୍କା ଉଠାଇ ନେଉଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି। ଉଭୟ ଅଭିଯୁକ୍ତ ପ୍ରାୟତଃ କଟକ, ଭୁବନେଶ୍ୱର ଓ ନିମାପଡ଼ା ଅଞ୍ଚଳରେ ବେଶ୍ ସକ୍ରିୟ ଥିବା ଜଣାପଡ଼ିଛି।

## ବାଲିଯାତ୍ରା ପଡ଼ିଆ କୁଆଖାଇ ନଦୀରେ ଛଟ୍ ପର୍ବ ପାଳନ



ନନ୍ଦନକାନନ, ୭।୧୧(ସମିସ): ସମଗ୍ର ଜଗତକୁ ଆଲୋକିତ କରୁଥିବା ସୂର୍ଯ୍ୟ ଦେବତାଙ୍କ ଆରାଧନା ପର୍ବ ଛଟ୍ ପର୍ବ ଓଡ଼ିଶାରେ ଧୁମଧାମରେ ପାଳନ କରାଯାଉଥିବା ବେଳେ ଗୁରୁବାର ଏହି ଅବସରରେ ବିହାର ସୋସିଆଲ ୱେଲଫେୟାର ଆସିଷ୍ଟାନ୍ସ ସୋସାଇଟି (ବିଶ୍ୱାସ) ଆନୁକୂଲ୍ୟରେ ଭୁବନେଶ୍ୱର ଉପକଣ୍ଠ ବାଲିଯାତ୍ରା ପଡ଼ିଆଠାରେ ଖୁଆଖାଇ ନଦୀରେ ଛଟ୍ ପର୍ବ ପାଳନ କରାଯାଇଛି। ଅପରାହ୍ଣରେ ବହୁ ସଂଖ୍ୟାରେ ବ୍ରତ ଉପାସକମାନେ କୁଆଖାଇ ନଦୀ କୂଳରେ ପହଞ୍ଚି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜା ଆରମ୍ଭ କରିଛନ୍ତି। ଶୁକ୍ରବାର ଭୋର୍ ୪ଟା ୩୦ରେ ଏହି ନଦୀକୂଳରେ ଉଦୟମାନ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରି ବ୍ରତ ଉପାସକମାନେ ଭୋଗ, ନୈବେଦ୍ୟ ଅର୍ଘ୍ୟ ଆଦି ଅର୍ପଣ କରି ଏହି ଛଟ୍ ପର୍ବ ସମାପନ କରିବେ ବୋଲି ବିଶ୍ୱାସ ତରଫରୁ କୁହାଯାଇଛି। ଗୁରୁବାର ଏହି ପର୍ବ ଆରମ୍ଭରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ଖୁସିବ୍ୟକ୍ତ କରିଛନ୍ତି। ବିଶେଷକରି ଓଡ଼ିଶାରେ ବସବାସ କରୁଥିବା ହିନ୍ଦୀଭାଷୀ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଓ ଉତ୍ତରାଞ୍ଚଳ ଆଦି ରାଜ୍ୟରୁ ଲୋକମାନେ ଆସି ଏଠାରେ ଛଟ୍ ପର୍ବ ପାଳନ କରୁଛନ୍ତି।

## କିଟ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଛଟ୍ ପୂଜା

ଭୁବନେଶ୍ୱର, ୭।୧୧(ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ଉତ୍ତର ଭାରତର ଗଣପର୍ବ ଛଟ୍ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାଯଅର୍‌ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, ଅତିରିକ୍ତ କୁଳସଚିବ ଡ. ଶ୍ୟାମ ସୁନ୍ଦର ବେହୁରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟରେ ପଢ଼ୁଥିବା ଉତ୍ତର ଭାରତର ଛାତ୍ରଛାତ୍ରୀମାନେ ଯୋଗଦେଇ ଛଟ୍ ମାତାଙ୍କ ଆରାଧନା କରିଥିଲେ। ଛଟ୍ ପୂଜା ଅବସରରେ ଶ୍ରୀ ସାମନ୍ତ ସମବେତ ଛାତ୍ରଛାତ୍ରୀଙ୍କୁ ଛଟ୍ ଅଭିନନ୍ଦନ ଜଣାଇଥିଲେ। ସୂଚନାଯୋଗ୍ୟ, କିଟ୍‌ରେ ବିଭିନ୍ନ ରାଜ୍ୟ ଓ ଭାଷାଭାଷୀର ଛାତ୍ରଛାତ୍ରୀମାନେ ପାଠ ପଢ଼ୁଥିବାବେଳେ ବର୍ଷର ବିଭିନ୍ନ ସମୟରେ ସେମାନଙ୍କର ବିଭିନ୍ନ ପର୍ବ ଏଠାରେ ପାଳନ କରାଯାଇଥାଏ।

## ଚୋରା ବାଲିଘାଟ ରାସ୍ତା ଉଚ୍ଛେଦ



ବାଲିଅନ୍ତା, ୭।୧୧ (ସମିସ): ବାଲିଅନ୍ତା ପଞ୍ଚାୟତ ଅଧୀନ ଭୁବନପୁର ଏବଂ ବଇଁଚୁଆ ପଞ୍ଚାୟତ ଅଧୀନ ଧବଳାହାର ନିକଟସ୍ଥ କୁଆଖାଇ ନଦୀରୁ ଚୋରା ବାଲି ଚାଲାଣ ରୋକିବା ନେଇ ଗୁରୁବାର ବାଲିଅନ୍ତା ପୁଲିସ ପକ୍ଷରୁ ଯାତାୟାତ ନେଇ ବ୍ୟବହୃତ ରାସ୍ତାରେ ଜେସିବି ଲଗାଇ ଗଭୀର ଗର୍ତ୍ତ କରି ରାସ୍ତା ବିଚ୍ଛିନ୍ନ କରି ଦିଆଯାଇଛି। ବାଲି ଚୋରା ଚାଲାଣ ହେଉଥିବା ରାସ୍ତାରେ ବାଲି ନେଇ ଯେଭଳି ଟ୍ରାକ୍ଟର ଏବଂ ଟ୍ରକ୍ ନ ଆସିପାରିବ ସେନେଇ ୧୫ ଫୁଟ୍ ଚଉଡ଼ା ଏବଂ ୧୦ ଫୁଟ୍ ଗଭୀରର ଅନେକ ଗର୍ତ୍ତ କରି ଦିଆଯାଇଛି।

## 'ହାଫ୍ ଲଭ୍ ଷ୍ଟୋରୀ'ର ପୋଷ୍ଟର ରିଲିଜ୍

ଭୁବନେଶ୍ୱର, ୭।୧୧(ସମିସ): ଅଞ୍ଜନେୟ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପ୍ରସ୍ତୁତ 'ହାଫ୍ ଲଭ୍ ଷ୍ଟୋରୀ' ଚଳଚ୍ଚିତ୍ରର ପୋଷ୍ଟର ଲୋକାର୍ପଣ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ପ୍ରଭାତ କୁମାର ପ୍ରଧାନ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ। ସେହିପରି ଚିତ୍ରନାଟ୍ୟ ଏବଂ ସଂଳାପ ରଚନା ଦେବୀଦତ୍ତ ମହାନ୍ତି କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଗୀତ ରଚନା କରିଛନ୍ତି ଡ. ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଏବଂ ଡାକ୍ତର ଶୁଭ ଦାଶ। ଏଥିରେ ମୁଖ୍ୟ ଭୂମିକାରେ ସୁନୀଲ ମହାପାତ୍ର, କୁକିଜ୍ ସ୍ୱାଇଁ, ମନସ୍ୱିନୀ ରହିଥିବାବେଳେ ସ୍ୱର୍ଗତ ପିଣ୍ଟୁ ନନ୍ଦ, ଜ୍ୟୋତି ମିଶ୍ର, ହରିହର ମହାପାତ୍ର, ଅସିତ୍ ପତି, ଭୂପତି ତ୍ରିପାଠୀ, ବବି ମିଶ୍ର, ସୂର୍ଯ୍ୟନାରାୟଣ ଦୋରା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ସିନେମାରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଗୌରଭ ଆନନ୍ଦ, କୁଳଦୀପ ପଟ୍ଟନାୟକ, ତାରିକ୍ ଅଜିଜ୍, ବୈଦ୍ୟନାଥ ଦାଶ ଏବଂ ଅସୀମା ପଣ୍ଡା। ସିନେମାଟି ନଭେମ୍ବର ୧୫ ତାରିଖରେ ବଡ଼ ପରଦାରେ ମୁକ୍ତିଲାଭ କରିବାକୁ ଥିବାବେଳେ ଦର୍ଶକଙ୍କ ବେଶ୍ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି।

## ଜଳହସ୍ତୀ ଖୁଆଡ଼ରେ କୁମ୍ଭୀର

**ନନ୍ଦନକାନନ ଆସିଲେ ୪ ପେଚା, ପାଣିଗୋଧି**

ନନ୍ଦନକାନନ, ୭।୧୧(ସମିସ): ଗୁରୁବାର ପ୍ରାଣୀଉଦ୍ୟାନର ୬୩ ନମ୍ବର ଜଳହସ୍ତୀ ଖୁଆଡ଼ ଜଳାଶୟରେ ପୁଣି ଏକ କୁମ୍ଭୀର ପାଣିରେ ପହଁରୁଥିବା ଦେଖିବାକୁ ମିଳିଛି। ପ୍ରାଣୀଉଦ୍ୟାନ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ଜଳହସ୍ତୀ ଖୁଆଡ଼ରେ ଜଳହସ୍ତୀ ଦେଖିବା ସହିତ କୁମ୍ଭୀର ପାଣିରେ ପହଁରୁଥିବା ଦେଖିଥିଲେ। ଯାହା ଜଳହସ୍ତୀଙ୍କ ପାଇଁ ବିପଦ ଆଣିବା ସମ୍ଭାବନା ରହିଛି। ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଶହଶହ ସଂଖ୍ୟାରେ ବିଭିନ୍ନ ପ୍ରଜାତିର ଯଥା- ମଗର, ବଉଳା, ଘଡ଼ିଆଳ, ଥଣ୍ଟିଆ ଆଦି କୁମ୍ଭୀର ରହିଛନ୍ତି। ବାରମ୍ବାର ଅନ୍ୟ ଜନ୍ତୁ ଖୁଆଡ଼ମାନଙ୍କରେ କୁମ୍ଭୀର ରହିବା ଚିନ୍ତାଜନକ ବିଷୟ ହୋଇଛି। ପରିଚାଳନାଗତ ତ୍ରୁଟି ପାଇଁ ବାରମ୍ବାର ଏଭଳି ଘଟୁଛି ଏବଂ ଏନେଇ ବହୁ ଅଭିଯୋଗ ହୋଇଛି। ଏହାର ସୂଚାରୁ ସମାଧାନ ହୋଇପାରୁନାହିଁ।

ଅନ୍ୟପକ୍ଷେ ୪ଟି ସାଧାରଣ ପେଚା ବୁଧବାର ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଆସିଛି। ଭୁବନେଶ୍ୱର ସିଟି ଫରେଷ୍ଟରୁ ଉଦ୍ଧାର ହୋଇଥିବା ଏହି ପେଚାଗୁଡ଼ିକ ମାଆ ଛେଉଣ୍ଡ ବୋଲି ଜଣାପଡ଼ିଛି। ନନ୍ଦନକାନନ ଆସିବା ପରେ ବନ୍ୟପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକଙ୍କ ଦ୍ୱାରା ସେମାନଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରେଣ୍ଟାଇନରେ ଛଡ଼ାଯାଇଛି। ସେହିପରି ଗତ ବୁଧବାର ନନ୍ଦନକାନନ ଅଞ୍ଚଳରୁ ଏକ ପାଣିଗୋଧି ଉଦ୍ଧାର ହୋଇଥିବା ଜଣାପଡ଼ିଛି। ନନ୍ଦନକାନନ ଜନ୍ତୁ ବିଭାଗର ଜଣେ କାର୍ଯ୍ୟରତ କର୍ମଚାରୀ ନନ୍ଦନକାନନ ଅଞ୍ଚଳରୁ ଏହାକୁ ଉଦ୍ଧାର କରିଥିଲେ। ଉକ୍ତ ପାଣିଗୋଧିକୁ ନନ୍ଦନକାନନ ସରୀସୃପ ଉଦ୍ୟାନରେ ଛଡ଼ାଯାଉଛି।

### 'ପ୍ରଗତିବାଦୀ'ରେ ସାରସ୍ୱତ ସମ୍ମେଳନ

## 'ସାହିତ୍ୟ ଓ ସାମ୍ବାଦିକତା ଅଙ୍ଗାଙ୍ଗୀଭାବେ ଜଡ଼ିତ'

ଭୁବନେଶ୍ୱର, ୭।୧୧(ସମିସ): ସାହିତ୍ୟର ପରିଧିରେ ସାମ୍ବାଦିକତାର ଅସ୍ତିତ୍ୱ ମଜଭୁତ ହୋଇ ରହିଥାଏ। ସାହିତ୍ୟ ଓ ସାମ୍ବାଦିକତା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। 'ପ୍ରଗତିବାଦୀର' ଦୁଇ ଦିନିଆ ବାର୍ଷିକ ଉତ୍ସବ ଏବଂ 'ପ୍ରଗତିବାଦୀ'ର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ୯୨ତମ ଜୟନ୍ତୀ ସମାରୋହର ଶୁଭାରମ୍ଭ ଅବସରରେ ଆୟୋଜିତ ସାରସ୍ୱତ ସମ୍ମେଳନରେ ବକ୍ତାମାନେ ଏହି ମତ ପ୍ରକାଶ କରିଛନ୍ତି। ଗୁରୁବାର ପ୍ରଗତିବାଦୀ କାର୍ଯ୍ୟାଳୟ ପରିସରରେ 'ପ୍ରଗତିବାଦୀ'ର ଯାତ୍ରା ପଥ ଶୀର୍ଷକ ଏକ ପ୍ରଦର୍ଶନୀ ଉଦଘାଟିତ ହୋଇଛି। ସେହିପରି ପ୍ରଦ୍ୟୁମ୍ନ ବଳଙ୍କର ଏକ ତୈଳଚିତ୍ର ଉନ୍ମୋଚନ କରାଯାଇଛି। ପୂର୍ବାହ୍ଣରେ ପ୍ରଦ୍ୟୁମ୍ନ ବଳ ରାଜ୍ୟସ୍ତରୀୟ ଜୟନ୍ତୀ କମିଟିର ଅଧ୍ୟକ୍ଷ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ପ୍ରଦର୍ଶନୀକୁ ଉଦଘାଟନୀ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଅରୁନ୍ଧତୀ ଦେବୀ, ବିଶିଷ୍ଟ ଅତିଥି ଆଇଏଏସ ଅଫିସର ଉଷା ପାଢ଼ୀ, ମୁଖ୍ୟ ବକ୍ତା ଡ. ଶକୁନ୍ତଳା ବଳିୟାରସିଂ ଏବଂ ସମ୍ମାନିତ ଅତିଥି କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଯୋଗଦେଇଥିଲେ। ସାରସ୍ୱତ ଅଧିବେଶନରେ ମହମ୍ମଦ ମହସିନ ଖାନଙ୍କୁ 'ପ୍ରଦ୍ୟୁମ୍ନ ବଳ ବ୍ୟକ୍ତିତ୍ୱ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅଧିବେଶନରେ 'ପ୍ରଗତିବାଦୀ'ର ନିର୍ଦ୍ଦେଶିକା ଡ. ମୋନାଲିସା ବଳ ଅଧ୍ୟକ୍ଷତା କରିଥିବାବେଳେ କ୍ରୀଡ଼ା ସାମ୍ବାଦିକ ମନୋରଞ୍ଜନ ଦାସ ସଂଯୋଜନା କରିଥିଲେ।



## କୁଞ୍ଜବିହାରୀ କଲେଜରେ ସେମିନାର ସପ୍ତାହ

ନନ୍ଦନକାନନ, ୭।୧୧(ସମିସ): ବାରଙ୍ଗ କୁଞ୍ଜବିହାରୀ କଲେଜରେ ସପ୍ତାହ ଧରି ବିଭିନ୍ନ ବିଭାଗୀୟ ସେମିନାର କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି କ୍ରମରେ ଗୁରୁବାର ଅର୍ଥନୀତି ବିଭାଗର 'ଭାରତରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ପ୍ରଭାବଶୀଳତା' ବିଷୟରେ ଆଲୋଚନା ହୋଇଛି। ଏହି ଆଲୋଚନାରେ ଅଧ୍ୟକ୍ଷା ଡ. ଲିପିପୁଷ୍ପା ନାୟକ ସଭାପତିତ୍ୱ କରିଥିବାବେଳେ ଅର୍ଥନୀତି ବିଭାଗର ପୂର୍ବତନ ପ୍ରାଧ୍ୟାପକ କମଳ କୁମାର ପାଣି ଏହି ସନ୍ଦର୍ଭରେ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ଡ. ମାନସ ରଞ୍ଜନ ଦାଶମିଶ୍ର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ମଧ୍ୟ ସେମାନଙ୍କର ସନ୍ଦର୍ଭ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଣୟିନୀ ମିଶ୍ର, ଅଧ୍ୟାପକ କିଶୋର ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ନବୀକରଣ ହେବ ୩୭ ଶ୍ମଶାନ

# ସ୍ୱର୍ଗଦ୍ୱାର ଢାଞ୍ଚାରେ ନିର୍ମାଣ ହେବ ସତ୍ୟନଗର ଶ୍ମଶାନ

ଭୁବନେଶ୍ୱର, ୭।୧୧(ସମିସ)



ପୁରୀ ସ୍ୱର୍ଗଦ୍ୱାର ଢାଞ୍ଚାରେ ନିର୍ମାଣ ହେବ ସତ୍ୟନଗର ଶ୍ମଶାନ। ଶବଦାହ କରିବାକୁ ଆସୁଥିବା ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ଯୋଜନା କରାଯାଇଛି। ଏହାର ନିର୍ମାଣ ଜୋର୍‌ସୋର୍‌ରେ ଚାଲୁଥିଲାବେଳେ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ ହେବ।

ଗେଟ୍‌ରୁ ଶବଦାହ ରୁମ୍ ହେବ ନବୀକରଣ। ହଟିବ ଇଲେକ୍ଟ୍ରି, ଲାଗିବ ଗ୍ୟାସ୍ ଚୁଲା। ଖର୍ଚ୍ଚ ହେବ ୨ କୋଟି ୩୪ ଲକ୍ଷ। ବିଏମ୍‌ସି ଶ୍ମଶାନ ରୂପାନ୍ତରଣ ପର୍ଯ୍ୟାୟରେ ପ୍ରାଥମିକ ପର୍ଯ୍ୟାୟରେ ସତ୍ୟନଗର ଶ୍ମଶାନକୁ ହାତକୁ ନେଇଛି। ରୂପରେଖ ବଦଳିବା ପରେ ଶ୍ମଶାନକୁ ଆସୁଥିବା ଲୋକେ କିପରି ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇପାରିବେ ସେନେଇ ନୂଆ ଯୋଜନା କରାଯାଇଛି। ମୁଖ୍ୟ ଗେଟ୍, ସୁରକ୍ଷାକର୍ମୀ ରୁମ୍, ଷ୍ଟାଫ୍ କ୍ୱାର୍ଟର୍ସ, ଶ୍ମଶାନ କାର୍ଯ୍ୟାଳୟ ଓ ଦୋକାନ, ମନୋରମ ପରିବେଶ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ, ପାର୍କିଂ, ଶବଦାହ ଗ୍ରାଉଣ୍ଡ ଓ କୋଠରି, ପ୍ରତିକ୍ଷାଳୟ, ଶୌଚାଳୟ, ପିଇବାପାଣି, ଶବଦାହ ପାଇଁ ଗ୍ୟାସ ଚୁଲା ତିଆରି ହେବ। ଶ୍ମଶାନ କଡ଼ରେ ଥିବା ପୋଖରୀର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହା ସହ ହରିଶ୍ଚନ୍ଦ୍ର ଯୋଜନା ମଧ୍ୟ ସେଠାରେ ବ୍ୟବସ୍ଥିତ କରିବା ପାଇଁ ଯୋଜନା କରାଯାଉଛି। କର୍ପୋରେଟର, ଜେଡିସି, ମେୟରଙ୍କ ନମ୍ବର ସେଠାରେ ରହିବ। ଗରିବ ଶ୍ରେଣୀର ଲୋକମାନେ ଯୋଗାଯୋଗ କରି ସାହାଯ୍ୟ ପାଇପାରିବେ। ଏହା ସହ ଭୁବନେଶ୍ୱରରେ ଥିବା ୩୭ ଶ୍ମଶାନର ନବୀକରଣ ଓ ନିର୍ମାଣ ନେଇ ଅଣ୍ଟା ଭିଡ଼ିଛି ବିଏମ୍‌ସି। ସେପଟେ ଭୁବନେଶ୍ୱରରେ ବିଏମ୍‌ସି ଅଧୀନରେ ଆସୁଥିବା ଗ୍ରାମକୁ ମିଶାଇ ମୋଟ୍ ୩୭ଟି ଶ୍ମଶାନ ନିର୍ମାଣ ହେବ। ଲକ୍ଷ୍ମୀସାଗର, ଭରତପୁର, ନୂଆଗାଁ ସମେତ କିଛି ସ୍ଥାନରେ ନିର୍ମାଣ ସରିଥିବାବେଳେ ଆଉ କିଛି ଜାଗାରେ ଜମି ଅଧିଗ୍ରହଣ ହୋଇପାରି ନ ଥିବାରୁ ଶ୍ମଶାନ ନିର୍ମାଣ ହୋଇପାରିନି। ଆସନ୍ତା ବର୍ଷ ସୁଦ୍ଧା ଶ୍ମଶାନ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମେୟର କହିଛନ୍ତି। କେବଳ ହିନ୍ଦୁ ନୁହେଁ ମୁସଲମାନ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଲୋକମାନଙ୍କ କବର ସ୍ଥାନର ମଧ୍ୟ ନବୀକରଣ ହେବ। ବିଭିନ୍ନ ଜୋନ୍‌ରେ କବର ସ୍ଥାନ ଭିତ୍ତିଭୂମିର ଯୋଜନା କରାଯାଇଛି।

# ଭୁବନେଶ୍ୱର ସିଟି



### ବିଜୁ ପଟ୍ଟନାୟକ ପାର୍କର ରକ୍ଷଣାବେକ୍ଷଣ ଅଭାବ

# ଭାସ୍କର୍ଯ୍ୟକଳା ନଷ୍ଟ; ଇ-ଶୌଚାଳୟ ଅଚଳ



- ଦିବ୍ୟାଙ୍ଗଙ୍କ ପାଇଁ ଥିବା ସୁଗମ ଶୌଚାଳୟରେ ଝୁଲୁଛି ତାଲା
- ଜଳାଶୟରେ କଇଁ ଫୁଲ ନାହିଁ; ପତ୍ର ପଡ଼ି ଜଳ ଅପରିଷ୍କାର
- ବ୍ୟାୟାମ ଉପକରଣରେ ଲାଗିଗଲାଣି କଳଙ୍କି




ଭୁବନେଶ୍ୱର, ୭।୧୧(ସମିସ)

ପାର୍କକୁ ଆକର୍ଷଣୀୟ ରୂପ ଦେଉଥିବା ସୁନ୍ଦର ଭାସ୍କର୍ଯ୍ୟକଳାର ରଙ୍ଗ କ୍ଷୟ ହେବା ସହ ରକ୍ଷଣାବେକ୍ଷଣ ଅଭାବରୁ ତା'ର ସୌନ୍ଦର୍ଯ୍ୟ ନଷ୍ଟ ହେଲାଣି। ସେହିପରି ପରିସରରେ ଥିବା ଇ-ଶୌଚାଳୟ ଅଚଳ ହୋଇ ପଡ଼ିଛି ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ସୁଗମ ଶୌଚାଳୟରେ ତାଲା ଝୁଲୁଛି। କେବଳ ସେତିକି ନୁହେଁ; ପାର୍କ ପରିସରର ଟିକେ ଭିତରକୁ ଗଲେ ରହିଛି କଇଁ ଜଳାଶୟ, ଯେଉଁଠି କଇଁ ତ ଦେଖିବାକୁ ମିଳୁନି ହେଲେ ଗଛର ଶୁଖିଲା ପତ୍ର ପଡ଼ି ପାଣିର ରଙ୍ଗ ଅପରିଷ୍କାର ହେବାର ନଜରକୁ ଆସୁଛି। ପାର୍କର ଶୋଭା ବଢ଼ାଇବା ପାଇଁ ପରିସରରେ ଥିବା ଫ୍ଲୋଟିଂ ମାଉଣ୍ଟେନ ଓ ମ୍ୟୁଜିକାଲ ଫାଉଣ୍ଟେନର ମଧ୍ୟ ସମାନ ଅବସ୍ଥା। ଲୋକଙ୍କ ବ୍ୟବହାର ପାଇଁ ଥିବା ମୁକ୍ତାକାଶ ବ୍ୟାୟାମଶାଳାର ଉପକରଣଗୁଡ଼ିକର ମଧ୍ୟ ରଙ୍ଗ ଛାଡ଼ିବା ସହ କିଛି ଉପକରଣରେ କଳଙ୍କି ଲାଗିଲାଣି।



ଏସବୁ ଅନ୍ୟ କେଉଁଠି ନୁହେଁ; ରାଜଧାନୀର ପ୍ରମୁଖ ବିଜୁ ପଟ୍ଟନାୟକ ପାର୍କର ଦୃଶ୍ୟ।

ରାଜଧାନୀର ପ୍ରମୁଖ ସ୍ଥାନରେ ଭଳିକି ଭଳି ପାର୍କ ନିର୍ମାଣ କରାଯାଇଛି। ଯେଉଁଠି ଗାଡ଼ି ପାର୍କିଂ ସ୍ଥଳ, ମୁକ୍ତାକାଶ ବ୍ୟାୟାମଶାଳାଠୁ ଆରମ୍ଭ କରି ଚଲାପଥ, ବେଞ୍ଚ, ଶୌଚାଳୟ ଓ ବଗିଚା ଆଦି ନିର୍ମାଣ କରାଯାଇଛି। ଏହିସବୁ ପାର୍କଗୁଡ଼ିକର ଦାୟିତ୍ୱ ବିଡିଏ ଓ ବିଏମ୍‌ସି ନେଇଛି। ସେହିପରି ବାପୁଜୀ ନଗରରେ ରହିଛି ବିଜୁ ପଟ୍ଟନାୟକ ପାର୍କ। ଏହାର ଅନ୍ୟ ନାମ ଫରେଷ୍ଟ ପାର୍କ ବୋଲି ମଧ୍ୟ କୁହାଯାଏ। ପରବର୍ତ୍ତୀ ସମୟ ଅର୍ଥାତ୍ ୨୦୦୨ରେ ବିଜୁ ବାବୁଙ୍କ ଜନ୍ମ ଦିବସ ଅବସରରେ ଏହାର ନାମ ପରିବର୍ତ୍ତନ କରି ବିଜୁ ପଟ୍ଟନାୟକ ପାର୍କ ରଖାଗଲା। ଏହି ପାର୍କର ମଧ୍ୟଭାଗରେ ତାଙ୍କର ଏକ ପ୍ରତିମୂର୍ତ୍ତି ମଧ୍ୟ ରହିଛି। ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ଏଠାରେ ଆଖପାଖ ଅଞ୍ଚଳର ଲୋକ ପ୍ରାତଃଭ୍ରମଣ ସହ ଯୋଗ କରିବାକୁ ଆସିଥା'ନ୍ତି। କେବଳ ସେତିକି ନୁହଁ ଲୋକ ନିଜ ପରିବାର, ସାଙ୍ଗସାଥୀଙ୍କ ସହ ତ କିଏ ନିରୋଳାରେ ଏଠାକୁ ପାଠ ପଢ଼ିବାକୁ ମଧ୍ୟ ଆସିଥାଏ। ଅନ୍ୟ ପାର୍କ ଅପେକ୍ଷା ଏଠାରେ ଅଧିକ ଜନଗହଳି ପୂର୍ଣ୍ଣ ରହିଥାଏ। ୨୩ ଏକର ଜାଗାରେ ନିର୍ମିତ ଏହି ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ଏଠାରେ ପରିସର ମଧ୍ୟରେ ବଗିଚା, ବକୁଳର ପାଠାଗାର, ପିଲାଙ୍କ ଖେଳ ସ୍ଥାନ, ଯୋଗ ମଣ୍ଡପ, ମୁକ୍ତାକାଶ ବ୍ୟାୟାମଶାଳା, ଫ୍ଲୋଟିଂ ମାଉଣ୍ଟେନ୍, ମ୍ୟୁଜିକାଲ୍ ଫାଉଣ୍ଟେନ୍, କଇଁ ଜଳାଶୟଠୁ ଆରମ୍ଭ କରି ବିଭିନ୍ନ ଭାସ୍କର୍ଯ୍ୟକଳା ପାର୍କ ପରିସରକୁ ବେଶ୍ ଆକର୍ଷଣ ରୂପ ଦେଉଥିଲା। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିବା ପାର୍କଗୁଡ଼ିକର ବର୍ତ୍ତମାନ ରକ୍ଷଣାବେକ୍ଷଣ ଅଭାବରୁ ତା'ର ସୌନ୍ଦର୍ଯ୍ୟ କ୍ଷୟ ହେଉଛି କହିଲେ ଭୁଲ୍ ହେବ ନାହିଁ।

## ଧାରଣାରେ ବସିଲେ ବିମାନ ଯାତ୍ରୀ

ଭୁବନେଶ୍ୱର, ୭।୧୧(ସମିସ): ବାରମ୍ବାର ବିମାନ ବାତିଲ୍ କରାଯିବାକୁ ନେଇ ଗୁରୁବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅପ୍ରିତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ସ୍ୱତନ୍ତ୍ର ବିମାନ କିମ୍ବା ବିକଳ୍ପ ବ୍ୟବସ୍ଥା କରି ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାକୁ ଯାତ୍ରୀମାନେ ଅଡ଼ି ବସିଥିଲେ। ପ୍ରତିବାଦରେ ଯାତ୍ରୀମାନେ ଟର୍ମିନାଲ ଭିତରେ ଧାରଣା ଦେଇଥିଲେ। ସୂଚନା ଅନୁସାରେ, ଭୁବନେଶ୍ୱର-ହାଇଦରାବାଦ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବିମାନ ଆଇଏକ୍ସ-୨୯୩୨ ବୁଧବାର ସକାଳ ୯.୫୫ ସମୟରେ ବାତିଲ୍ କରାଯାଇଥିଲା। ଗୁରୁବାର ସକାଳ ୯ଟା ସମୟରେ ଏହା ଉଡ଼ାଣ କରିବାର ଥିଲା। କିନ୍ତୁ ଗୁରୁବାର ବି ସେହି ବିମାନକୁ ବାତିଲ୍ କରାଯାଇଥିଲା। ଗନ୍ତବ୍ୟସ୍ଥଳକୁ କିପରି ଯିବେ ତାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଧାରଣା ଦେବା ସହିତ କର୍ତ୍ତୃପକ୍ଷଙ୍କ ସହ ପାଟିତୁଣ୍ଡ କରିଥିଲେ। ସନ୍ତୋଷଜନକ ଉତ୍ତର ନ ମିଳିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପରେ ବିକଳ୍ପ ବ୍ୟବସ୍ଥା ହେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ପଶୁସମ୍ପଦ ମନ୍ତ୍ରୀଙ୍କୁ ଭେଟିଲେ ପ୍ରାଣୀ ଚିକିତ୍ସା କରୁଥିବା ଏଆଇଟି



ଭୁବନେଶ୍ୱର, ୭।୧୧(ସମିସ): ରାଜ୍ୟର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଦୀର୍ଘ ୧୪ ବର୍ଷରୁ ଊର୍ଦ୍ଧ୍ୱକାଳ ହେଲା ପ୍ରାଣୀ ଚିକିତ୍ସା କରିଆସୁଥିବା ଏଆଇଟି(ଆର୍ଟିଫିସିଆଲ ଇନ୍‌ସେମିନେସନ ଟେକ୍ନିସିଆନ)ମାନେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଭେଟି ଚାକିରିଗତ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ ଏଆଇଟିମାନଙ୍କ ସମସ୍ୟାକୁ ସହୃଦୟତାର ସହିତ ଶୁଣି ଖୁବ୍‌ଶୀଘ୍ର ଏ ଉପରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାଣୀ ଚିକିତ୍ସାକୁ ଅଧିକ ସୁଗମ ଓ ତ୍ୱରାନ୍ୱିତ କରିବା ସକାଶେ ରାଜ୍ୟରେ ଠିକା ଭାବରେ କାର୍ଯ୍ୟ କରୁଥିବା ଏଆଇଟିମାନେ ପଶୁ ଚିକିତ୍ସାଳୟ ଅଧୀନରେ ରହି ତୃଣମୂଳସ୍ତରରେ ଗୋ-ସେବା ଆଦି ଯୋଗାଇ ଦେଇଥାଆନ୍ତି। ଏହି ୱାର୍କରମାନେ ଏକାଧିକ ପଞ୍ଚାୟତ ଦାୟିତ୍ୱରେ ରହି କୃତ୍ରିମ ପ୍ରଜନନ, ଟୀକାକରଣ, ବନ୍ଧ୍ୟାକରଣ, ପ୍ରାଥମିକ ଚିକିତ୍ସା, ଭ୍ରାମ୍ୟମାଣ ଚିକିତ୍ସା, ପଶୁଗଣନା, ପଶୁମାନଙ୍କୁ ବୀମାଭୁକ୍ତ କରିବା ସହିତ ଘାସ ଚାଷ କରିବା ଆଦି କାର୍ଯ୍ୟ ସମ୍ପାଦନ କରିଥାଆନ୍ତି। କେବଳ ଏତିକି ନୁହେଁ, ୨୦୧୮ରୁ ଅଦ୍ୟାବଧି କେନ୍ଦ୍ର ସରକାରଙ୍କ ଏନ୍‌ଏଆଇପି ଯୋଜନାରେ ଏଆଇଟିମାନଙ୍କୁ ସାମିଲ୍ କରାଯାଇ ଗୋ-ସେବା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଯାହାର ଫଳସ୍ୱରୂପ ୭୦ପ୍ରତିଶତ କୃତ୍ରିମ ପ୍ରଜନନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବିଶେଷକରି ଦେଶୀ ପ୍ରଜାତିର ଗାଈମାନଙ୍କଠାରୁ ଉନ୍ନତମାନର ଶଙ୍କର ଜାତୀୟ ଗାଈ ବାହାର କରି ଗ୍ରାମାଞ୍ଚଳ ଚାଷୀମାନଙ୍କର ଆୟ ବୃଦ୍ଧି କରିବାରେ ଏମାନେ ସହାୟକ ହୁଅନ୍ତି।

### ନାରାୟଣ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

## ଶେଷ ସନ୍ଧ୍ୟାରେ 'ଏକ ନାୟକର ମୃତ୍ୟୁ'



ଭୁବନେଶ୍ୱର, ୭।୧୧(ସମିସ): ସୃଜନୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନାରାୟଣ ନାଟ୍ୟ ମହୋତ୍ସବ-୨୦୨୪ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର, କଳାକାର ତଥା ନିର୍ଦ୍ଦେଶକ ଓ ସ୍ରଷ୍ଟା ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ନାଟ୍ୟ ମହୋତ୍ସବରେ ଓଡ଼ିଶାର ଅଗ୍ରଣୀ ୪ଟି ନାଟ୍ୟ ଅନୁଷ୍ଠାନ ଅଂଶ ଗ୍ରହଣ କରିଥିଲେ। ଗୁରୁବାର ଶେଷ ସନ୍ଧ୍ୟାରେ ନାଟକ 'ଏକ ନାୟକର ମୃତ୍ୟୁ' ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକଟିକୁ ରଚନା କରିଛନ୍ତି ନାରାୟଣ ଚନ୍ଦ୍ର ରାୟ ମହାପାତ୍ର ଓ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଦୀପ୍ତି ରଞ୍ଜନ ଦାସ ଏବଂ ଜଗତସିଂହପୁରର ମା' ଲକ୍ଷ୍ମୀ ନାଟ୍ୟ ଅନୁଷ୍ଠାନ ତରଫରୁ ନାଟକଟି ପରିବେଷଣ ହୋଇଥିଲା। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ଯୋଗଦେଇଥିଲେ ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର ସିଂ, ନାଟ୍ୟ ନିର୍ଦ୍ଦେଶକ ପ୍ରୀତିରଞ୍ଜନ ମିଶ୍ର, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍। ସୃଜନୀର ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ର, ଉପସଭାପତି ପ୍ରଶନ୍ନ ରଥ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

### ଶୁଣିଲେନି ସରକାର

## ଗ୍ରାମବାସୀ ତିଆରି କଲେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ

ଭୁବନେଶ୍ୱର, ୭।୧୧(ସମିସ): ସାଧାରଣ ଜନତା ବର୍ଷ ବର୍ଷ ଧରି 'ମୋ ବସ୍'କୁ ଅପେକ୍ଷା କରି ଖରା, ବର୍ଷା, ଶୀତ କାକରରେ ଯନ୍ତ୍ରଣା ଅନୁଭବ କରୁଥିଲେ। ବିଶେଷ କରି ବରିଷ୍ଠ ନାଗରିକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଠାରେ ଏକ ବସ୍‌ଷ୍ଟପ୍ ନିର୍ମାଣ କରିବାକୁ ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ପରେ କୌଣସି ସୁଫଳ ନ ମିଳିବାରୁ ଅଞ୍ଚଳର ରାମ ପ୍ରସାଦ ରଥ ନିଜ ପକେଟରୁ ଅର୍ଥ ପ୍ରଦାନ କରିଥିଲେ। ପରେ ଆବଶ୍ୟକ ଅର୍ଥ ସଂଗ୍ରହ ସହିତ ବାଉଁଶ, ତାଟି, କଳା ଜରି ଦ୍ୱାରା ଏକାମ୍ର କଲେଜ ଛକରେ ଏକ ଅସ୍ଥାୟୀ ମୋ



ବସ୍‌ଷ୍ଟପ୍ ତିଆରି କରାଯାଇଛି। ଭୀମଟାଙ୍ଗି ବିକାଶ ପରିଷଦର ପୂର୍ବତନ ସଭାପତି ଦାମୋଦର ସାମନ୍ତରାୟଙ୍କ ଦ୍ୱାରା ଏହା ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟରେ ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଛନ୍ତି। ଅସ୍ଥାୟୀ ବସ୍ ଷ୍ଟପେଜ୍‌କୁ ସ୍ଥାୟିତ୍ୱ କରି ଏହି ଅଞ୍ଚଳରେ ଆଉ ୪ଟି ସ୍ଥାନରେ ସ୍ଥାୟୀ ବସ୍ ଷ୍ଟପ୍ ନିର୍ମାଣ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ବସ୍ ଷ୍ଟପ୍‌ରେ 'ମୋ ବସ୍' ନମ୍ବର ୨୫-ଡୁମୁଡୁମା, ୩୯-ଏମ୍‌ସ ଓ ୨୨-ଜଟଣୀକୁ ଯିବାକୁ ବହୁ ଯାତ୍ରୀ ଉପକୃତ ହେବେ।

### 'ରମାଦେବୀ'ରେ ବ୍ରେନ୍ ଷ୍ଟ୍ରୋକ୍ ସଚେତନତା କାର୍ଯ୍ୟକ୍ରମ

## 'ଷ୍ଟ୍ରୋକ୍‌କୁ ରୋକିବ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଓ ଜୀବନଶୈଳୀରେ ପରିବର୍ତ୍ତନ'




ଭୁବନେଶ୍ୱର, ୭।୧୧(ସମିସ): ପରିବର୍ତ୍ତିତ ଜୀବନଶୈଳୀ ଓ ବିଭିନ୍ନ କାରଣରୁ ବିଶ୍ୱରେ ବଢ଼ୁଛି ବ୍ରେନ୍ ଷ୍ଟ୍ରୋକ୍ ବା ମସ୍ତିଷ୍କାଘାତ ରୋଗୀଙ୍କ ସଂଖ୍ୟା। ଏନେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ଷ୍ଟ୍ରୋକ୍‌କୁ ଜାଣିବା, ଜିଣିବା' ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ଯୋଗଦେଇ ଷ୍ଟ୍ରୋକ୍ ମୁକାବିଲା ପାଇଁ ବ୍ୟାପକ ସଚେତନତା ଆବଶ୍ୟକ ଏବଂ ଯୁବପିଢ଼ିକୁ ସଚେତନ କରିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ସଚେତନତା ଅଭିଯାନର ଅଧ୍ୟକ୍ଷ ନୀଳାମ୍ବର ରଥ କହିଛନ୍ତି, ଅଣସଂକ୍ରାମକ ରୋଗ ମଧ୍ୟରେ ଷ୍ଟ୍ରୋକ୍ ଅନେକ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି। ଏଣୁ ନିଜେ ସଚେତନ ହେବା ସହ ଅନ୍ୟକୁ ସଚେତନ କରିବାକୁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଶୁଭ୍ରାଂଶୁ ଶେଖର ଜେନା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ୮୦ରୁ ୯୦ ପ୍ରତିଶତ ଷ୍ଟ୍ରୋକ୍‌କୁ ରୋକିହେବ ବୋଲି କହିଛନ୍ତି। ଏହି ଅବସରରେ 'ଷ୍ଟ୍ରୋକ୍‌ମୁକ୍ତ ଜୀବନ' ଶୀର୍ଷକ ପୁସ୍ତକ ଲୋକାର୍ପଣ କରାଯିବା ସହ ବ୍ରେନ୍ ଷ୍ଟ୍ରୋକ୍‌ର କାରଣ, ଲକ୍ଷଣ, ଚିକିତ୍ସା ଏବଂ ଷ୍ଟ୍ରୋକ୍ ପରବର୍ତ୍ତୀ ଅବସ୍ଥାରେ ରୋଗୀଙ୍କ ସେବା ଯତ୍ନ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶନ କରାଯାଇଛି। ୱାର୍ଲ୍ଡ ଷ୍ଟ୍ରୋକ୍ ଅର୍ଗାନାଇଜେସନର ସଦସ୍ୟ ଥିବା ଆଇଏଫ୍‌ଆଇ ଫାଉଣ୍ଡେସନ, ଓଡ଼ିଶା ଲାଇଭ୍ ଏବଂ ସ୍ୱାସ୍ଥ୍ୟପ୍ଲସ୍ ସହ ମିଳିତ ଭାବେ ଛାତ୍ରୀମାନଙ୍କୁ ସଚେତନ କରିଛନ୍ତି। କାର୍ଯ୍ୟକ୍ରମରେ ଆଇକ୍ୟୁଏସି ନିର୍ଦ୍ଦେଶିକା ପ୍ରଫେସର ସସ୍ମିତା ମହାନ୍ତି, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ଡ. ଅମ୍ବିକା ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିବା ବେଳେ ସ୍ୱାସ୍ଥ୍ୟପ୍ଲସ୍‌ର ସହ ପ୍ରତିଷ୍ଠାତା ପ୍ରଣତି ପରିଡ଼ା ଧନ୍ୟବାଦ ଅର୍ପଣ କରିଛନ୍ତି।

### ସିଡ୍‌ନୀରେ ପ୍ରବାସୀ ଓଡ଼ିଆ ସମାଜ କାର୍ଯ୍ୟକ୍ରମରେ ଯୋଗଦେଲେ ବାଚସ୍ପତି

## 'ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ଦିଗରେ ସମସ୍ତେ ଆଗେଇ ଆସନ୍ତୁ'

ଭୁବନେଶ୍ୱର, ୭।୧୧(ସମିସ): ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ଆୟୋଜିତ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀରେ ବାଚସ୍ପତି ସୁରମା ପାଢ଼ୀ ବିଦେଶ ଗସ୍ତ ଅବସରରେ ଯୋଗଦେଇଥିଲେ। ଏହି ଅବସରରେ ଏକ ବନ୍ଧୁମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସିଡ୍‌ନୀରେ ଥିବା ବହୁ ପ୍ରବାସୀ ଓଡ଼ିଆ ଯୋଗଦେଇଥିଲେ। ବାଚସ୍ପତି ପ୍ରବାସୀ ଓଡ଼ିଆଙ୍କ ସହ ସାମାଜିକ, ସାଂସ୍କୃତିକ ଚଳଣି ଏବଂ ଓଡ଼ିଆ ଅସ୍ମିତାକୁ ନେଇ ବଜାୟ ରଖିଥିବା ଭାବଧାରା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାକାର 'ଓରିଓଜ୍' ସାଂସ୍କୃତିକ ଶାଖାର ସମ୍ପାଦିକା ସ୍ମିତା ସାମନ୍ତରାୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରବାସୀ ଓଡ଼ିଆମାନେ କିପରି ନିଜର ଏକ ସ୍ୱତନ୍ତ୍ର ପରିଚୟସହ ଏକତା ଓ ଭାଇଚାରା ଭାବଧାରାରେ ବାନ୍ଧି ହୋଇ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିପାରିଛନ୍ତି ସେ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଅନୁଷ୍ଠାନର ପୂର୍ବତନ ସଭାପତି ସୁଜିତ୍ ଜେନା, ଉପସଭାପତି ତାପସ ସେନାପତି ସିଡ୍‌ନୀଠାରେ ପ୍ରଭୁ ଜଗନ୍ନାଥଙ୍କର ଏକ ମନ୍ଦିର ପ୍ରତିଷ୍ଠା କରିବା ସହ ସେଠାରେ ରଥଯାତ୍ରା ଆୟୋଜନ କରିବାର ଯୋଜନା ସମ୍ପର୍କରେ ବାଚସ୍ପତିଙ୍କୁ ଅବଗତ କରିଥିଲେ। ସେଠାରେ ଥିବା 'ଲିଟିଲ୍ ଇଣ୍ଡିଆ' ଅଞ୍ଚଳ ଗସ୍ତ କରିଥିଲେ ଏବଂ ଉପସ୍ଥିତ ପ୍ରବାସୀ ଓଡ଼ିଆଙ୍କ ସହ ଭାବବିନିମୟ କରିଥିଲେ।



ଏହି ଅବସରରେ ବାଚସ୍ପତି ସେଠାରେ ଓଡ଼ିଆ ସଂସ୍କୃତି, ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ଏବଂ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା ଦିଗରେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ପ୍ରଦାନ କରିବେ ବୋଲି ବାଚସ୍ପତି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜୀବ ପାତ୍ର, ଅଞ୍ଜଳି ପାତ୍ର, ଦେବ ପଟ୍ଟନାୟକ, ଅନୁରାଧା ପଟ୍ଟନାୟକ, ମିହିର ରାୟ, ଶୈବାଳିନୀ ସାହୁ, ନ୍ୟୁଟନ୍ ଦାସ, ଭାଗ୍ୟଶ୍ରୀ ଜେନା, କୌଶଳ ନନ୍ଦନ, ଶୁଭମ୍ ବେହେରା ଓ ଜୟ ବେହେରାଙ୍କ ସହ ବିପିନ ପାଢ଼ୀ, ବିଧାନସଭାର ସଚିବ ଦାଶରଥି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଣ ଭିତରେ ବରପୁତ୍ର

- କେବଳ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ମନେପଡ଼ନ୍ତି
- କେବଳ ଫୁଲମାଳ ପକାଇ ବାଃ ବାଃ ନେଉଛନ୍ତି

ଭୁବନେଶ୍ୱର, ୭।୧୧(ସମିସ)

କେବଳ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ହେଲେ ମନେପଡ଼ନ୍ତି ବରପୁତ୍ର। ଗଦା ଗଦା ଫୁଲମାଳ ସାଙ୍ଗକୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରି ଗୋଟିଏ ଦିନରେ ବାଃ ବାଃ ନେଉଛନ୍ତି ସଂସ୍କୃତି ବିଭାଗଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ। ବର୍ଷସାରା ବଣବୁଦା ଭିତରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ପଡ଼ି ରହୁଥିଲେ ବି କାହାରି ନଜର ପଡୁ ନ ଥିବାବେଳେ କେବଳ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ସଫେଇ କରାଯାଉଥିବା ଦେଖିବାକୁ ମିଳିଛି। ଏହାପରେ ଫୁଲମାଳ ମାସ ମାସ ଧରି ପଚିସଢ଼ି ଯାଉଥିଲେ ବି ତାହାକୁ ବାହାର କରା ନ ଯାଇ ବରପୁତ୍ରଙ୍କୁ ଅସମ୍ମାନ କରାଯାଉଥିବା ଆଲୋଚନା ହେଉଛି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ୟୁନିଟ୍-୯ ସ୍ଥିତ ଭକ୍ତକବି ମଧୁସୂଦନ ରାଓଙ୍କ ପ୍ରତିମୂର୍ତ୍ତି ସ୍ଥଳରେ।

ରାଜଧାନୀର ବିଭିନ୍ନ ସ୍ଥାନରେ ରହିଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଦିନକୁ ଦିନ ଅବହେଳିତ ଅବସ୍ଥାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ପଡ଼ି ରହୁଛି। କେଉଁଠି ଶୁଖିଲା ଫୁଲହାର ପଡ଼ିରହିଛି ତ ଆଉ କେଉଁଠି ଜଙ୍ଗଲ ଭିତରେ ଲୁଚି ଗଲାଣି ବରପୁତ୍ରଙ୍କ ମାହାତ୍ମ୍ୟ। କେବଳ ଭକ୍ତକବିଙ୍କ କ୍ଷେତ୍ରରେ ନୁହେଁ ବରଂ ଏମିତି ଦୃଶ୍ୟ ରାଜଧାନୀର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। କେବଳ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପୂର୍ବରୁ ପ୍ରତିମୂର୍ତ୍ତିକୁ ଧୂଆଯିବା ସହ ଚାରିପାଖରେ ଘାସ ଗଛ ସଫା କରାଯାଉଛି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଁ ଉଦ୍ଦେଶ୍ୟମୂଳକ ଭାବେ କେତେକ ସଂଗଠନ ପକ୍ଷରୁ ଫୁଲହାର ପକାଯାଉଛି। ଏହାସହ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରାଯାଇ ବାଃ ବାଃ ନେଉଛନ୍ତି ବିଶିଷ୍ଟ ବ୍ୟକ୍ତିବିଶେଷ। ସୂଚନା ଅନୁସାରେ, ସଂସ୍କୃତି ବିଭାଗ ପକ୍ଷରୁ ରାଜଧାନୀରେ ଥିବା ୭୧ଟି ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ପାଇଁ ୨ଥର ଟେଣ୍ଡର ପ୍ରକ୍ରିୟା କରାଯାଇଛି। ହେଲେ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ପାଇଁ ଏପର୍ଯ୍ୟନ୍ତ କାହାରିକୁ ଦାୟିତ୍ୱ ଦିଆଯାଇନାହିଁ। ଫଳରେ ସଂସ୍କୃତି ବିଭାଗ ପକ୍ଷରୁ ଠିକ୍ ସମୟରେ ରକ୍ଷଣାବେକ୍ଷଣ କରାଯାଇପାରୁ ନାହିଁ। ପ୍ରଥମଥର ଟେଣ୍ଡରରେ ଜଣେ ମାତ୍ର ଆବେଦନ କରିଥିଲେ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟାକରଣକୁ ବାତିଲ୍ କରାଯାଇ ପୁନଶ୍ଚ ଦ୍ୱିତୀୟ ଥର ପାଇଁ ଟେଣ୍ଡର କରାଯାଇଥିଲା। ତ୍ରୁଟି କାରଣରୁ ପୁନଶ୍ଚ ପରବର୍ତ୍ତୀ ସମୟରେ ଟେଣ୍ଡର ପ୍ରକ୍ରିୟାକରଣ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ମାତ୍ର ନା କରାଗଲା ଟେଣ୍ଡର ନା କରାଯାଉଛି ରକ୍ଷଣାବେକ୍ଷଣ। ବରପୁତ୍ରମାନଙ୍କୁ ସମ୍ମାନ ଦେବା ସହ ସମାଜ ପ୍ରତି ସେମାନଙ୍କ ଅବଦାନ ନେଇ ପରପିଢ଼ିଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥାଏ। ହେଲେ ଏବେ ରାଜଧାନୀରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିଗୁଡ଼ିକ ଉଦ୍ଦେଶ୍ୟଠାରୁ ଦୂରରେ। କେବଳ ଜୟନ୍ତୀ, ଶ୍ରାଦ୍ଧୋତ୍ସବ ଓ ଉତ୍କଳ ଦିବସ ହେଲେ ସଂସ୍କୃତି ବିଭାଗ ସହଭାଗିତାରେ କିଛି ସ୍ୱେଚ୍ଛାସେବୀ ସଂଗଠନ କେବଳ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜଣାଉଛନ୍ତି। କିନ୍ତୁ ଅନ୍ୟ ଦିନମାନଙ୍କରେ ଅବସ୍ଥା ଯାହାକୁ ସେୟା। ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ଉଚିତ୍ ସମ୍ମାନ ଦେବା ସହ ସୌନ୍ଦର୍ଯ୍ୟକରଣ ପାଇଁ ଦାବି କରାଯାଉଥିଲେ ବି ଫଳ ଶୂନ୍।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୩୭ • ପାଉଣ୍ଡ ୧୦୯.୫୬
- ୟୁରୋ ୯୧.୧୩ • ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୬,୭୮୦ (ନୂଆଦିଲ୍ଲୀ)
- ରୁପା : ୯୦,୩୬୯ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୫୪୧.୭୯
- ନିଫ୍ଟି ୨୪,୧୯୯.୩୫



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ସେୟାର ବଜାରରେ ବଡ଼ ହ୍ରାସ

# ସେନ୍‌ସେକ୍ସ ୮୩୬, ନିଫ୍ଟି ୨୮୪ ପଏଣ୍ଟ ଖସିଲା

ମୁମ୍ବଇ, ୭।୧୧ (ଏଜେନ୍ସି)



ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ କୌଣସି ପ୍ରଭାବ ଭାରତୀୟ ବଜାରରେ ପଡ଼ି ନ ଥିବା ପରି ଲାଗୁଛି। ଏହି ପ୍ରଭାବ ଗୋଟିଏ ଦିନରେ ଧୋଇ ଯାଇଛି। ଦୁଇ ଦିନର ବୃଦ୍ଧି ପରେ ଭାରତୀୟ ସେୟାର ବଜାରରେ ପୁଣି ବଡ଼ ହ୍ରାସ ପାଇଛି। ଗୁରୁବାର ବିଏସ୍‌ଇ ସେନସେକ୍ସ ଏବଂ ଏନ୍‌ଏସଇ ନିଫ୍ଟି ୧ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ସେନସେକ୍ସ ୮୩୬ ପଏଣ୍ଟ (-୧.୦୪ %) ହ୍ରାସ ପାଇଛି। ଏହା ୭୯, ୫୪୧.୭୯ ସ୍ତରରେ ବନ୍ଦ ହୋଇଛି। ସେହିପରି ଏନ୍‌ଏସ୍‌ଇ ନିଫ୍ଟି ୨୮୪ ପଏଣ୍ଟ ଖସିଛି। ଏହା ୨୪, ୧୯୯.୩୫ (-୧.୧୬%)କୁ ଖସି ଆସିଛି। ସେନ୍‌ସେକ୍ସର ୩୦ଟି ସେୟାର ମଧ୍ୟରୁ ୨୯ଟି ହ୍ରାସ ପାଇଥିବାବେଳେ ଗୋଟିଏରେ ବୃଦ୍ଧି ଦେଖା ଯାଇଥିଲା। ଟାଟା ମୋଟର୍ସ, ଟେକ୍ ମହିନ୍ଦ୍ରା, ଅଲ୍‌ଟ୍ରାଟେକ ସିମେଣ୍ଟ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ, ସନ୍ ଫାର୍ମା, ଏସିଆନ ପେଣ୍ଟସ୍, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ୍ ଏବଂ ଆଇସିଆଇସିଆଇ ବ୍ୟାଙ୍କରେ ସର୍ବାଧିକ ହ୍ରାସ ଦେଖାଯାଇଛି। କେବଳ ଏସ୍‌ବିଆଇ ସେୟାର ବୃଦ୍ଧି ପାଇଛି।

ନିଫ୍ଟିର ୫୦ ସେୟାର ମଧ୍ୟରୁ ୪୬ ହ୍ରାସ ଏବଂ ୪ଟି ବୃଦ୍ଧି ପାଇଥିଲା। ଏନ୍‌ଏସ୍‌ଇର ସବୁ ସେକ୍ଟୋରାଲ ଇଣ୍ଡେକ୍ସ ହ୍ରାସ ସହିତ ବନ୍ଦ ହୋଇଥିଲା। ମେଟାଲ ସେକ୍ଟର ସର୍ବାଧିକ ୨.୭୩ ପ୍ରତିଶତ ଖସି ଥିଲା। ଏହା ବ୍ୟତୀତ ନିଫ୍ଟି ଆଇଟି, ଅଟୋ, ଅନ୍ୟ ଫାଇନାନ୍‌ସିଆଲ କମ୍ପାନୀର ସେୟାର ମଧ ହ୍ରାସ ପାଇଛି। ଆମେରିକାର ଫେଡରାଲ ରିଜର୍ଭର ସୁଧ ହାର ଉପରେ ନିଷ୍ପତ୍ତି ଏବଂ ବିଦେଶୀ ଫଣ୍ଡ ପ୍ରତ୍ୟାହାର ଯୋଗୁଁ ଏହି ହ୍ରାସ ପାଇଥିବା କୁହାଯାଉଛି। ଗୁରୁବାର ଆମେରିକା ଫେଡରାଲର ବୈଠକ ହେବାକୁ ଯାଉଛି। ଏଥିରେ ସୁଧହାର ହ୍ରାସ ଉପରେ ନିଷ୍ପତ୍ତି ନିଆଯାଇପାରେ। ଏହା ୦.୨୫ ପ୍ରତିଶତ ହ୍ରାସ ପାଇପାରେ ବୋଲି ଆକଳନ କରାଯାଉଛି।

**ମେଟାଲ ସେକ୍ଟର ସବୁଠୁ ଅଧିକ ପ୍ରଭାବିତ**

**୨.୭୩ ପ୍ରତିଶତ ଖସିଲା ସେୟାର**

**ସର୍ବନିମ୍ନ ସ୍ତରରେ ଟଙ୍କା ମୂଲ୍ୟ**

ଯଦି ଏପରି ହୁଏ ଏହାର ବିଶେଷ ପ୍ରଭାବ ପଡ଼ିବ ନାହିଁ। ମାତ୍ର ସୁଧ ହାର ଅପରିବର୍ତ୍ତିତ ରହିଲେ କିମ୍ବା ଅଧିକ ହ୍ରାସ ହେଲେ ଭାରତ ସହିତ ବିଶ୍ୱର ପ୍ରମୁଖ ବଜାରରେ ଏହାର ପ୍ରଭାବ ଦେଖିବାକୁ ମିଳିବ। ତେଣୁ ଆଜି ଭାରତୀୟ ନିବେଶକ ସତର୍କ ହୋଇ ବଜାରରେ ନିବେଶ କରୁଛନ୍ତି। ଏହା ପୂର୍ବରୁ ବୁଧବାର ଫରେନ ଇନଷ୍ଟିଚ୍ୟୁସନାଲ ଇନଭେଷ୍ଟର (ଏଫଆଇଆଇ) ୪,୪୪୫.୫୯ କୋଟି ଟଙ୍କାର ଇକ୍ୱିଟି ବିକ୍ରି କରିଥିଲେ। ଅନ୍ୟପଟେ ସିୟୋଲ, ସାଙ୍ଘାଇ, ହଂକଂ ଏବଂ ୟୁରୋପ ସେୟାର ବଜାରରେ ଦ୍ରୁତ ବୃଦ୍ଧି ଏବଂ ଟୋକିଓ ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଏହା ମଧ୍ୟରେ ତୈଳ ମାନକ ବ୍ରେଣ୍ଟ କ୍ରୁଡ ୦.୩୩ ପ୍ରତିଶତ ହ୍ରାସ ପାଇ ବ୍ୟାରେଲ ପିଛା ୭୪.୬୭ ଡଲାରରେ ପହଞ୍ଚି ଯାଇଛି। ସେହିପରି ଟଙ୍କା ମୂଲ୍ୟ ଡଲାର ତୁଳନାରେ ୬ ପଇସା ହ୍ରାସ ପାଇ ୮୪.୩୭ ର ସର୍ବନିମ୍ନ ସ୍ତରରେ ପହଞ୍ଚି ଯାଇଛି।

## ସୁନା ୧୩୫୬ ଓ ରୁପା ୨,୫୩୨ ଟଙ୍କା ଶସ୍ତା

ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି): ସୁନା ମୂଲ୍ୟ ଗୁରୁବାର ବଡ଼ ହ୍ରାସ ପାଇଛି। ୨୪ କାରଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫୬ ଟଙ୍କା କମିଛି। ଏବେ ଏହା ୭୬, ୭୮୦ ଟଙ୍କା ରହିଛି। ଏହା ପୂର୍ବରୁ ମୂଲ୍ୟ ୭୮, ୧୩୬ ଟଙ୍କା ଥିଲା। ଇଣ୍ଡିଆନ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ୨୨ କାରଟ ସୁନା ମୂଲ୍ୟ ୭୦, ୩୩୧ ଏବଂ ୧୮ କାରଟ ମୂଲ୍ୟ ୫୭, ୫୮୫ ଟଙ୍କା ରହିଛି। ତେବେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୧୩, ୪୨୮ ଟଙ୍କା ମହଙ୍ଗା ହେଲାଣି। ଅନ୍ୟପକ୍ଷରେ ରୁପା ମୂଲ୍ୟ କେଜି ପିଛା ୨,୫୩୨ ଟଙ୍କା ହ୍ରାସ ପାଇଛି। ଏହା ୯୦, ୩୬୯ ଟଙ୍କାକୁ ଖସି ଆସିଛି। ଦିନକ ତଳେ ଏହା ୯୨, ୯୦୧ ଟଙ୍କା ଥିଲା। ସୂଚନାଯୋଗ୍ୟ ଯେ ଗତ ୨୩ ତାରିଖରେ ରୁପା ଏବଂ ୩୦ ତାରିଖରେ ସୁନା ମୂଲ୍ୟ ସର୍ବକାଳୀନ ସ୍ତରରେ ପହଞ୍ଚି ଯାଇଥିଲା। ଏହା ଯଥାକ୍ରମେ ୯୯, ୧୫୧ ଟଙ୍କା ଏବଂ ୭୯, ୬୮୧ ଟଙ୍କା ରହିଥିଲା।

### ■ ଇତିହାସ ପାଲଟିଯିବ ଜେଟ୍ ଏୟାରୱେଜ୍

## ସମ୍ପତ୍ତି ବିକ୍ରି ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି)

ଜେଟ୍ ଏୟାରୱେଜ ଇତିହାସ ପାଲଟି ଯିବ। ଏହା ପୁଣିଥରେ ଆଉ ଆରମ୍ଭ ହୋଇପାରିବ ନାହିଁ। ଜେଟ୍ ଏୟାରୱେଜକୁ ଲିକ୍ୱିଡିଟି କରିବାକୁ ସୁପ୍ରିମକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। କୌଣସି କମ୍ପାନୀର ସମ୍ପତ୍ତିକୁ ଜବତ କରି ବିକ୍ରି କରିବା ଏବଂ ଏହି ଟଙ୍କାରେ ଋଣ ପରିଶୋଧ କରିବାକୁ ଲିକ୍ୱିଡିଟି କୁହାଯାଏ। ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇ ନ୍ୟାସନାଲ କମ୍ପାନୀ ଲ ଅପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲଏଟି)ର ନିଷ୍ପତ୍ତିକୁ ପଲଟାଇ ଦେଇଛନ୍ତି। ଋଣଦାତା ଏବଂ କର୍ମଚାରୀଙ୍କ ସ୍ୱାର୍ଥରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଗତ ମାର୍ଚ୍ଚରେ ଏନ୍‌ସିଏଲଏଟି ଏୟାରଲାଇନକୁ ସଙ୍କଟରୁ ବାହାର କରିବା ଲାଗି ସମାଧାନ ଯୋଜନା ଅଧିନରେ ମାଲାକାନା ସତ୍ତ୍ୱକୁ ଜାଲାନ-କାଲ୍‌ରକ୍ କନସୋର୍ଟିୟମ (ଜେକେସି)କୁ ଦେବାକୁ ନିଷ୍ପତ୍ତି ଶୁଣାଇ ଥିଲେ। ସୂଚନାଯୋଗ୍ୟ ଯେ ଆର୍ଥିକ ସଙ୍କଟ ଯୋଗୁଁ ୨୦୧୯ରେ ଜେଟ୍ ଏୟାରୱେଜ୍‌ର ପରିଚାଳନା ବନ୍ଦ ହୋଇଯାଇଛି। ସେ ସମୟରେ ଅନେକ ବ୍ୟାଙ୍କ ଏୟାରୱେଜକୁ ୪,୭୮୩ କୋଟି ଟଙ୍କା ଋଣ ଦେଇଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସର୍ବାଧିକ ଟଙ୍କା ଦେଇଥିଲା। ଏୟାରଲାଇନ୍‌ର କ୍ଷତି ହେବା ପରଠାରୁ ବ୍ୟାଙ୍କ ଦେବାଳିଆ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ସମାଧାନ ଯୋଜନା ଅନୁସାରେ ଜେକେସିକୁ ମାଲିକାନା ସତ୍ତ୍ୱ ମିଳିବାର ଥିଲା। ଏହା ବିରୋଧରେ ବ୍ୟାଙ୍କ ସୁପ୍ରିମକୋର୍ଟ ଯାଇଥିଲା। ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାର୍ଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଥିଲେ ଯେ ଜେକେସି ୫ ବର୍ଷ ହେଲା ସମାଧାନ ଯୋଜନା ପ୍ରସ୍ତୁତ କରିପାରି ନ ଥିବାରୁ ଲିକ୍ୱିଡିଟି ନିଷ୍ପତ୍ତି ଋଣଦାତା ଏବଂ କର୍ମଚାରୀଙ୍କ ସ୍ୱାର୍ଥରେ ରହିବ। ଅଜବ ଏବଂ ଚିନ୍ତାଜନକ ପରିସ୍ଥିତିକୁ ଧ୍ୟାନରେ ରଖି ଅନୁଚ୍ଛେଦ ୧୪୨ ଦ୍ୱାରା ପ୍ରଦତ୍ତ ଅସାଧାରଣ କ୍ଷମତା ପ୍ରୟୋଗ କରି ସୁପ୍ରିମକୋର୍ଟ ଲିକ୍ୱିଡେସନ ନିର୍ଦ୍ଦେଶ ଦେଇଛନ୍ତି।

### ମିଥ୍ୟା ଗ୍ୟାରେଣ୍ଟି ଦେବା ମାମଲା

## ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ପାୱାର ୩ ବର୍ଷ ନିଷିଦ୍ଧ

ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି): ବ୍ୟବସାୟୀ ଅନିଲ ଅମ୍ବାନୀଙ୍କ କମ୍ପାନୀ 'ରିଲାଏନ୍ସ ପାୱାର ଲିମିଟେଡ' ବିରୋଧରେ ସୋଲାର ଏନର୍ଜି କର୍ପୋରେସନ ଅଫ୍ ଇଣ୍ଡିଆ (ଏସ୍‌ଇସିଆଇ) ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ରିଲାଏନ୍ସ ପାୱାର ଏବଂ ଏହାର ସହଯୋଗୀ କମ୍ପାନୀ ଉପରେ ୩ ବର୍ଷ ପର୍ଯ୍ୟନ୍ତ କଟକଣା




ଲଗାଇ ଦିଆଯାଇଛି। ଏହି ଅବଧି ମଧ୍ୟରେ କମ୍ପାନୀ କୌଣସି ଟେଣ୍ଡର ନେଇପାରିବ ନାହିଁ। କର୍ପୋରେଟ୍ ଟେଣ୍ଡର ଲାଗି ଜାଲ୍ ବ୍ୟାଙ୍କ ଗ୍ୟାରେଣ୍ଟି ଜମା କରିବାକୁ ନେଇ ଏସ୍‌ଇସିଆଇ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଗୁରୁବାର ବିବୃତ୍ତି ଜାରି କରି ଏସ୍‌ଇସିଆଇ ପକ୍ଷରୁ କୁହାଯାଇଛି ଯେ ଟେଣ୍ଡର ଡକରାର ଶେଷ ପର୍ଯ୍ୟାୟରେ କମ୍ପାନୀ ଜାଲ୍ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିଥିଲା। ତେଣୁ ଏହି କମ୍ପାନୀଙ୍କୁ ନିଷିଦ୍ଧ କରିଦିଆଯାଇଛି। ରିଲାଏନ୍ସ ପାୱାରର ସହଯୋଗୀ କମ୍ପାନୀର ଟେଣ୍ଡରରେ ଜାଲିଆତି କରାଯାଇଥିବା ଜଣାପଡ଼ିବା ପରେ ନ୍ୟୁ ଆଣ୍ଡ ରିନ୍ୟୁଏବୁଲ ଏନର୍ଜି ମିନିଷ୍ଟ୍ରିର ସଂସ୍ଥା ଏସ୍‌ଇସିଆଇ ଶେଷ ପର୍ଯ୍ୟାୟ ନିଲାମ ଡକରାକୁ ମଧ ରଦ୍ଦ କରିଦେଇଥିଲା। ନୋଟିସ୍‌ରେ କୁହାଯାଇଥିଲା ଯେ ଟେଣ୍ଡର ଦାଖଲକାରୀ ମହାରାଷ୍ଟ୍ର ଏନର୍ଜି ଜେନେରେସନ ଲିମିଟେଡ (ଏବେ ରିଲାଏନ୍ସ ନ୍ୟୁ ବିସ୍) ଯେଉଁ କାଗଜପତ୍ର ଦାଖଲ କରିଥିଲା ତାହା ଯାଞ୍ଚରେ ଜାଲ୍ ବୋଲି ଜଣା ପଡ଼ିଥିଲା। ଟେଣ୍ଡର ସର୍ତ୍ତ ଅନୁଯାୟୀ ଜାଲ୍ କାଗଜପତ୍ର ଦାଖଲ କଲେ ଟେଣ୍ଡର ପକାଇଥିବା ସଂସ୍ଥା ଭବିଷ୍ୟତରେ ଏସ୍‌ଇସିଆଇର ନିଲାମରେ ସାମିଲ ହୋଇପାରିବେ ନାହିଁ। ମୂଳ କମ୍ପାନୀ ରିଲାଏନ୍ସ ପାୱାରର କ୍ଷମତା ବ୍ୟବହାର କରି ଏହି କମ୍ପାନୀ ଆବଶ୍ୟକ ଆର୍ଥିକ ଯୋଗ୍ୟତାକୁ ପୂର୍ଣ୍ଣ କରିବାରେ ସକ୍ଷମ ହୋଇଥିଲା।

## କ୍ରମ୍ପଟନ ଆଣିଲା ନାଇଜେଲା ପ୍ରୋ ମିକ୍ସର ଗ୍ରାଇଣ୍ଡର

ମୁମ୍ବଇ, ୭।୧୧ (ସମିସ): କ୍ରମ୍ପଟନ ଗ୍ରୀଭସ କଞ୍ଜ୍ୟୁମର ଇଲେକ୍‌ଟ୍ରିକାଲ୍ସ ଲିମିଟେଡ 'ନାଇଜେଲା ପ୍ରୋ ୫୦୦ ଡବ୍ଲୁ ମିକ୍ସରଗ୍ରାଇଣ୍ଡର'ଆଣିଛି। ଏହାରସମ୍ପୂର୍ଣ୍ଣନୂତନରୋଷେଇ ଉପକରଣ ପରିସରକୁ ଉନ୍ମୋଚନ କରାଯାଇଛି। ଏହା ରୋଷେଇର ସମସ୍ତ ଆବଶ୍ୟକତାକୁ ପୂରଣ କରୁଛି। ଏଥିରେ ଶକ୍ତିଶାଳୀ ୫୦୦ ଡ ପାୱାର ଟ୍ରନ ମୋଟର ଲାଗିଛି। ଏହା ଅନବରତ ୩୦ ମିନିଟ ପର୍ଯ୍ୟନ୍ତ ଗ୍ରାଇଣ୍ଡି କରିପାରିବ।



ଏହି ଗ୍ରାଇଣ୍ଡରର ସମ୍ପୂର୍ଣ୍ଣ ସେଟ୍‌ରେ ବ୍ଲେଣ୍ଡ, ଷ୍ଟୋର ଏବଂ ବହନ ଜାର ରହିଛି। ନାଇଜେଲା ପ୍ରୋ'ରେ ଢାଙ୍କିବା ଢାଙ୍କୁଣି ଏବଂ ସିପରକେପ ସହିତ ସ୍ୱତନ୍ତ୍ର ଡିଜାଇନ ହୋଇଥିବା ଓଲଟାଚଉଜାର ଦିଆଯାଉଛି। ନାଇଜେଲା ପ୍ରୋ ଜୀବନକୁ ସରଳ କରିଦେବ ବୋଲି କ୍ରମ୍ପଟନ ଗ୍ରୀଭସ କଞ୍ଜ୍ୟୁମର ଇଲେକଟ୍ରିକାଲ୍ସ ଲିମିଟେଡର କେତନ ଚୌଧୁରୀ କହିଛନ୍ତି। ମୂଲ୍ୟ ୩୫୦୦ ଟଙ୍କା ରହିଛି। ଏହା କ୍ରମ୍ପଟନ୍ ଆଉଟଲେଟ ଏବଂ ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ।




ନୂଆଦିଲ୍ଲୀସ୍ଥିତ ପିଏନ୍‌ବି କର୍ପୋରେଟ କାର୍ଯ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୪ ଉଦ୍‌ଘାଟନ ଅବସରରେ ପିଏନ୍‌ବି ଏମ୍‌ଡି ଓସିଇଓ ଅତୁଲ କୁମାର ଗୋଏଲ (କେନ୍ଦ୍ର), ତାଙ୍କ ସହିତ ବରିଷ୍ଠ ଅଧିକାରୀଗଣ / ବ୍ୟାଙ୍କର ବୋର୍ଡ ଅଫ ଡାଇରେକ୍ଟର୍ସ

## ସାଟେଲାଇଟ୍ ବ୍ରଡ୍‌ବ୍ୟାଣ୍ଡ ଲାଗି ହେବ ସ୍ପେକ୍‌ଟ୍ରମ ଆବଣ୍ଟନ

ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି): ସାଟେଲାଇଟ ବ୍ରଡ୍‌ବ୍ୟାଣ୍ଡ ଲାଗି ସ୍ପେକ୍‌ଟ୍ରମ ଆବଣ୍ଟନ ହେବ। ଏଥିପାଇଁ ନିଲାମ ହେବନାହିଁ। କେନ୍ଦ୍ର ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଗୁରୁବାର ଏହି ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଆଭିମୁଖ୍ୟ ଉଦ୍ୟୋଗପତି ମୁକେଶ ଅମ୍ବାନୀ ଏବଂ ସୁନୀଲ ମିତ୍ତଲଙ୍କ ଦାବିର ବିପରୀତ ରହିଛି। ତେବେ ସରକାରଙ୍କ ଏହି ନିଷ୍ପତ୍ତିର ଲାଭ ଶିଳ୍ପପତି ଏଲନ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ୍‌କୁ ମିଳିପାରେ। ଏକ ସାକ୍ଷାତକାରରେ ସିନ୍ଧିଆ କହିଛନ୍ତି ଯେ ଆବଣ୍ଟନ ସତ୍ତ୍ୱେ ସାଟେଲାଇଟ ବ୍ରଡ୍‌ବ୍ୟାଣ୍ଡ ମାଗଣାରେ ଦିଆଯିବ ନାହିଁ। ଦୂରସଞ୍ଚାର ନିୟାମକ ଟ୍ରାଇ ଏଥିପାଇଁ ମୂଲ୍ୟ ଧାର୍ଯ୍ୟ କରିବ। ପ୍ରତ୍ୟେକ ଦେଶକୁ ଅନ୍ତର୍ଜାତୀୟ ଦୂରସଞ୍ଚାର ସଂଘ (ଆଇଟିୟୁ) ପାଳନ କରିବାକୁ ହେବ। ଏହି ସଂଗଠନ ମହାକାଶ ତଥା ଉପଗ୍ରହ ସ୍ପେକ୍‌ଟ୍ରମ ପାଇଁ ନୀତି ଧାର୍ଯ୍ୟ କରୁଛି। କିନ୍ତୁ ଏ ପର୍ଯ୍ୟନ୍ତ ବିଶ୍ୱର କୌଣସି ଦେଶ ନାହିଁ ଯିଏ ଉପଗ୍ରହ ଲାଗି ସ୍ପେକ୍‌ଟ୍ରମ ନିଲାମ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

## ଏସ୍‌ୟୁଭି କୈଲାକ ଉନ୍ମୋଚନ କଲା ସ୍କୋଡା ଇଣ୍ଡିଆ

ମୁମ୍ବଇ, ୭।୧୧ (ସମିସ): ସ୍କୋଡା ଅଟୋ ଇଣ୍ଡିଆ ନିଜର ବହୁ ପ୍ରତୀକ୍ଷିତ ଏସୟୁଭି 'କୈଲାକ'କୁ ଭାରତ ଓ ବିଶ୍ୱ ବଜାରରେ ଉନ୍ମୋଚନ କରିଛି । କୈଲାକ ଭାରତରେ ସ୍କୋଡା ଅଟୋ ପାଇଁ ନୂଆ ଯୁଗ ଆରମ୍ଭ କରିଛି। ଡିସେମ୍ବର ୨ରୁ ଏହାର ବୁକିଂ ଆରମ୍ଭ ହେବ। ସ୍କୋଡା ଅଟୋର ସିଇଓ କ୍ଲାଉସ ଜେଲମର କହିଛନ୍ତି ଯେ କୈଲାକ ଆମର ପ୍ରଥମ ସବ-୪ ମିଟର ଏସ୍‌ୟୁଭି। ଏହାକୁ ଭାରତରେ ଡିଜାଇନ କରାଯାଇଛି। କୈଲାକରେ ବିଭିନ୍ନ ପ୍ରକାର, ରଙ୍ଗ, ବୈଶିଷ୍ଟ୍ୟ



ଏବଂ ୨୫ରୁ ଅଧିକ ସକ୍ରିୟ ଏବଂ ନିଷ୍କ୍ରିୟ ନିରାପତ୍ତା ଜ୍ଞାନକୌଶଳର ଷ୍ଟାଣ୍ଡାର୍ଡ ପ୍ୟାକେଜ ରହିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୭, ୮୯, ୦୦୦ ଟଙ୍କା ରହିଛି। ଏହି ସ୍କୋଡା କୈଲାକକୁ ଭାରତ ନାମିତ କରିଛି। ଏହି ନାମଟି ସଂସ୍କୃତ ଶବ୍ଦ ସ୍ଫଟିକରୁ ଆସିଛି। ଏହା କୈଳାସ ପର୍ବତ ନାମରେ ନାମିତ। ପ୍ରଥମ ଥର ପାଇଁ କୈଲାକରେ ଅନେକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଦିଆଯାଇଛି। ଡ୍ରାଇଭର ଏବଂ ସମ୍ମୁଖ ଯାତ୍ରୀଙ୍କ ପାଇଁ ଭେଣ୍ଟିଲେସନ ଥିବା ଛଅ-ପାର୍ଶ୍ୱର ଇଲେକ୍‌ଟ୍ରିକ ସିଟ। କୈଲାକରେ ଥିବା ବୁଟ ଏହାର ୪୪୬ ଲିଟର ସେଗମେଣ୍ଟରେ ସର୍ବଶ୍ରେଷ୍ଠ। ଏହି କାରରେ ଅଟୋ କ୍ଲିମାଟ୍ରୋନିକ, ଇଲେକ୍‌ଟ୍ରିକ୍ ସନ୍‌ରୁଫ ମଧ ଦିଆଯାଇଛି। ସ୍କୋଡା ଅଟୋ ଫୋକ୍ସୱାଗନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ପୀୟୂଷ ଅରୋରା କହିଛନ୍ତି ଯେ ଉଚ୍ଚ ସ୍ତରର ସ୍ଥାନୀୟକରଣ, ଅତୁଳନୀୟ ଡ୍ରାଇଭିଂ ଗତିଶୀଳତା ଏବଂ ଆପୋଷ ନିରାପତ୍ତା ସହିତ କୈଲାକ ବଜାରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ। ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ପେଟର ୟାନେବା ଅଂଶୀଦାର କରି କହିଛନ୍ତି ଯେ ଏହା ଭାରତରେ କମ୍ପାନୀ ପାଇଁ ଏକ ନୂତନ ଯୁଗ ଆରମ୍ଭ କରିଛି।

# ଶିବ ନାଦର ଭାରତର ସବୁଠୁ ବଡ଼ ଦାନବୀର

ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି)

ଏଚ୍‌ସିଏଲ୍‌ର ସହ ପ୍ରତିଷ୍ଠାତା ଶିବ ନାଦର ଦେଶର ସବୁଠୁ ବଡ଼ ଦାନବୀର ହୋଇଛନ୍ତି। ସେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ତଥା ବ୍ୟବସାୟୀ ଏଲନ୍ ମସ୍କଙ୍କଠାରୁ ୧୦ ଗୁଣ ଅଧିକ ଦାନ କରିଛନ୍ତି। ଶିବ ଏବଂ ତାଙ୍କ ପରିବାର ଗତ ଆର୍ଥିକ ବର୍ଷ (୨୦୨୩-୨୪)ରେ ମୋଟ ୨, ୧୫୩ କୋଟି ଟଙ୍କା ଦାନ କରିଥିଲେ। ଅର୍ଥାତ୍ ଦିନକୁ ୫.୯୦ କୋଟି ଟଙ୍କା ଦାନ ଦେଇଥିଲେ। 'ଏଡେଲଗିଭ ହୁରନ ଇଣ୍ଡିଆ ଫିଲାନଥ୍ରୋପି ଲିଷ୍ଟ-୨୦୨୪'ରେ ଏହି ସୂଚନା ଦିଆଯାଇଛି। କ୍ରମାଗତ ଭାବେ ତୃତୀୟ ଥର ପାଇଁ ଶିବ ନାଦର ଏହି ତାଲିକାର ଶୀର୍ଷରେ ଅଛନ୍ତି। ଭାରତର ୨୦୨୩ ଏପ୍ରିଲ ୧ରୁ ୨୦୨୪ ମାର୍ଚ୍ଚ ୩୧ ମଧ୍ୟରେ ଦାନ କରାଯାଇଥିବା ରାଶିକୁ ଏଥିରେ ବିଚାରକୁ ନିଆଯାଇଛି। ସେହିପରି ରୋହିଣୀ ନିଲକେନୀ ସବୁଠୁ ଦାନୀ ମହିଳା ହୋଇଛନ୍ତି। ସେ ମୋଟ ୧୫୪ କୋଟି ଟଙ୍କା ଦାନ କରିଛନ୍ତି। ଦାନବୀରଙ୍କ ତାଲିକାର ଓଡ଼ିଶାର ଉଦ୍ୟୋଗପତି ସୁବ୍ରତ ବାଗଚୀ ଏବଂ ତାଙ୍କ ପତ୍ନୀ ସୁସ୍ମିତା ବାଗ୍‌ଚୀ ନବମ ସ୍ଥାନରେ ଅଛନ୍ତି। ଉଭୟେ ୧୭୯ କୋଟି ଟଙ୍କା ଦାନ କରିଛନ୍ତି। ବ୍ୟକ୍ତିଗତ ଦାନରେ ଏହି ଦମ୍ପତି ଚତୁର୍ଥ ସ୍ଥାନରେ ରହିଛନ୍ତି। ଦାନୀ ମହିଳା ତାଲିକାରେ ସୁସ୍ମିତା ଦ୍ୱିତୀୟ ସ୍ଥାନ (୯୦କୋଟି) ରେ ଅଛନ୍ତି।

- ■ ମସ୍କଙ୍କଠୁ ୧୦ ଗୁଣ କରିଛନ୍ତି ଦାନ
- ■ ବର୍ଷକେ ଦାନ ଦେଇଛନ୍ତି ୨,୧୫୩ କୋଟି
- ■ ରୋହିଣୀ ନିଲକାନୀ ସବୁଠୁ ଦାନୀ ମହିଳା
- ■ ନବମ ସ୍ଥାନରେ ସୁବ୍ରତ-ସୁସ୍ମିତା ବାଗ୍‌ଚୀ



ଶିବ ନାଦର



ରୋହିଣୀ ନିଲକାନୀ



ସୁବ୍ରତ ଓ ସୁସ୍ମିତା ବାଗ୍‌ଚୀ

ଧନୀ ତାଲିକାର ଦ୍ୱିତୀୟ ସ୍ଥାନରେ ରିଲାଏନ୍ସ ଇଣ୍ଡଷ୍ଟ୍ରିର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ତାଙ୍କ ପରିବାର ରହିଛି। ଅମ୍ବାନୀ ପରିବାର ଗତ ଆର୍ଥିକ ବର୍ଷରେ ୪୦୭ କୋଟି ଟଙ୍କା ଦାନ କରିଥିଲେ। ୩୫୨ କୋଟି ଟଙ୍କାର ଦାନ ସହ ବଜାଜ ପରିବାର ତୃତୀୟସ୍ଥାନରେ ରହିଛି। କିନ୍ତୁ ଏହି ପରିବାର ଗତ ବର୍ଷ ଅପେକ୍ଷା ୩୩ ପ୍ରତିଶତ ଅଧିକ ଦାନ କରିଥିଲେ। ଏହା ପଛକୁ କୁମାର ମଙ୍ଗଳମ୍ ବିର୍ଲା ଆଣ୍ଡ ଫ୍ୟାମିଲି (୩୩୪ କୋଟି), ଗୌତମ ଆଦାନୀ ଏବଂ ଫ୍ୟାମିଲି (୩୩୦ କୋଟି), ନନ୍ଦନ ନିଲକେନୀ (୩୦୭ କୋଟି), କୃଷ୍ଣା ଚିଭୁକୁଲା (୨୨୮ କୋଟି), ଅନିଲ ଅଗ୍ରୱାଲ ଆଣ୍ଡ ଫ୍ୟାମିଲି (୧୮୧ କୋଟି) ଏବଂ ଦଶମରେ ରୋହିଣୀ ନିଲକେନୀ ଅଛନ୍ତି। ଦାନବୀର ତାଲିକାର ପ୍ରଥମ ୧୦ ସ୍ଥାନରେ ଥିବା ବ୍ୟକ୍ତି ମୋଟ ୪, ୬୨୫ କୋଟି ଟଙ୍କା ଦାନ ଦେଇଥିଲେ। ଏହା ତାଲିକାର ମୋଟ ଦାନର ୫୩ ପ୍ରତିଶତ। ଶିକ୍ଷା କ୍ଷେତ୍ରକୁ ସବୁଠୁ ଅଧିକ ୩, ୬୮୦ କୋଟି ଏବଂ ସ୍ୱାସ୍ଥ୍ୟକୁ ୬୨୬ କୋଟି ଟଙ୍କା ଦାନ ମିଳିଛି।

ମହିଳା ଦାନୀଙ୍କ ତାଲିକାର ରୋହିଣୀ ଏବଂ ସୁସ୍ମିତାଙ୍କ ପଛକୁ କିରନ ମଜୁମଦାର ଶା (୮୫ କୋଟି), ସାରା ଜର୍ଜ ମୁଥୁଟ (୭୪ କୋଟି), ଲିନା ଗାନ୍ଧୀ (୨୫ କୋଟି), ଇନା ଅଶ୍ୱିନୀ ଦାନୀ ଏବଂ ପରିବାର (୧୮ କୋଟି), ଅର୍ଚ୍ଚନା ଚନ୍ଦ୍ରା (୧୧ କୋଟି), ଶବାନା ଫୈଜଲ (୧୦ କୋଟି) ଏବଂ ରିତୁ ଛାବଡ଼ିଆ (୯ କୋଟି) ରହିଛନ୍ତି। ସେହିପରି ଏସିଆନ ପେଣ୍ଟସ୍‌ର ୩୫ ବର୍ଷୀୟ ବିବେକ ଭକିଲ ଭାରତର ସବୁଠୁ ଯୁବ ଦାବନୀର ହୋଇଛନ୍ତି। ସେ ୮ କୋଟି ଟଙ୍କା ଦାନ କରିଛନ୍ତି। ଦ୍ୱିତୀୟ ସ୍ଥାନରେ ଜେକେ ସିମେଣ୍ଟର ୩୮ ବର୍ଷୀୟ ମାଧବକୃଷ୍ଣ ସିଙ୍ଘାଣିଆ (୮ କୋଟି) ରହିଛନ୍ତି।

